ଧରିତ୍ରୀ DHARITRI
ଶୁକ୍ରବାର, ୧ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ୩୭୦ ଉଚ୍ଛେଦ ପଟେଲ୍‌ଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର ଅଫିସ୍,୩୧।୧୦: ଖାସ୍‌ପାସାହି ବଡ଼ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ଗୁରୁବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସର୍ଦ୍ଦାର ପଟେଲ୍ ବହୁମୁଖୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ରାମ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରହ୍ଲାଦ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ନାରାୟଣ ସାହୁ ଏବଂ ଦୀନବନ୍ଧୁ ଉପସ୍ଥିତ ଥିଲେ। ଦେଶ ବିଭାଜନ ଏବଂ ପରବର୍ତ୍ତୀ ଜମ୍ମୁ କଶ୍ମୀରରେ ଧାରା ୩୭୦ ଘଟଣା ପଟେଲ୍‌ଙ୍କୁ ବ୍ୟଥିତ କରିଥିଲା। ସ୍ୱାଧୀନତା ପରେ ଦେଶକୁ ଏକାଠି କରିବାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ହେଲେ କଶ୍ମୀରକୁ ଦେଶରୁ ପୃଥକ୍ କରିବା ଭଳି ଧାରା ଲାଗୁ କରିବା ଦ୍ୱାରା ତାଙ୍କ ଆତ୍ମା ବ୍ୟଥିତ ହୋଇ ପଡ଼ିଥିଲା। ତାଙ୍କ ବିରୋଧକୁ ସେ ସମୟରେ କେହି ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଅନେକ ଦଶନ୍ଧି ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧାରା ୩୭୦କୁ ଉଚ୍ଛେଦ କରିପାରିଛନ୍ତି। ପଟେଲ୍‌ଙ୍କ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଅତିଥି ଏବଂ ବକ୍ତାମାନେ ମତ ରଖିଥିଲେ। ଏଥି ସହ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସଭରକରଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ସଭାରେ ଦାବି କରାଯାଇଥିଲା। ଏଥିରେ କିରଣ କୁମାର ସାହୁ, ମଧୁ ସୂଦନ ସାହୁ, ସୁଜ୍ଞାନୀ ପଣ୍ଡା, ଦିବ୍ୟରଞ୍ଜନ ଦାଶ, ପ୍ରବୀଣ ସେଠୀ, ସନ୍ତୋଷ ସାବତ, କେଶବ ଚନ୍ଦ୍ର ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ଚିତ୍ତ ରଞ୍ଜନ ପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଦୀପ ସାହୁ, ଗଣେଶ ପାଣିଗ୍ରାହୀ ଓ ଭଗବାନ ଭୂୟାଁଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିଲା କଂଗ୍ରେସ

ବ୍ରହ୍ମପୁର ଅଫିସ,୩୧।୧୦: ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ (ବଳିଦାନ ଦିବସ) ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ପାଖରେ ଥିବା ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମୂହ ପ୍ରାର୍ଥନା କରାଯାଇଥିଲା। ଦଳ ଜିଲା କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ହୋଇଥିବା ସ୍ମୃତିଚାରଣ ସଭାରେ ସଭାପତି ତ୍ରିନାଥ ବେହେରା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ପ୍ରମୋଦ କୁମାର ଜେନା, ସ୍ୱରୂପା ତ୍ରିପାଠୀ, ଛାତ୍ର କଂଗ୍ରେସ ସଭାପତି ବିଜୟରାଜ ପାଣିଗ୍ରାହୀ ଯୋଗଦେଇଥିଲେ। ଜିଲା କମିଟି କର୍ମକର୍ତ୍ତା ଭୋକାଲି ସେଠୀ, ସାଇରାମ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଇନ୍ଦିରାଙ୍କ ଶାସନରେ ହୋଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ତାଙ୍କ ସୁଶାସନ ସମ୍ପର୍କରେ ଆଲୋକପାତ କରାଯାଇଥିଲା ନେତା ଓ କର୍ମୀମାନେ ଇନ୍ଦିରାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୂଚନାଯୋଗ୍ୟ, ୧୯୮୪ ଅକ୍ଟୋବର ୩୦ରେ ଇନ୍ଦିରା ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ସେହିଦିନ ପୂର୍ବାହ୍ନରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଗୋଳାବନ୍ଧରେ ଏକ ବିଶାଳ ସମାବେଶରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ମଧ୍ୟାହ୍ନରେ ଗୋଳାବନ୍ଧ ମିଲିଟାରୀ କ୍ୟାଣ୍ଟନମେଣ୍ଟରେ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଘାଟି ଉଦ୍‌ଘାଟନ କରି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ।

■ମହାନଗର ବିକାଶ ବାଧାପ୍ରାପ୍ତର ପ୍ରତିବାଦ

# ବିଏମ୍‌ସି ଆଗରେ ନଗର କଂଗ୍ରେସର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୩୧।୧୦


ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବିଏମ୍‌ସି (ବ୍ରହ୍ମପୁର ମହାନଗର ନିଗମ) ଆଗରେ ଗୁରୁବାର ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ ହୋଇଥିଲା। ବିଜେଡି ଶାସନରେ ବ୍ରହ୍ମପୁର ବିକାଶ ବାଧାପ୍ରାପ୍ତ ହୋଇଥିବା ଏବଂ ମୁଖ୍ୟମନ୍ତ୍ରୀ ବହୁବାର ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରି ନ ଥିବା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରୁ କର୍ମୀ ଓ ନେତାମାନେ ଶୋଭାଯାତ୍ରାରେ ବାହାରିଥିଲେ। ରାସ୍ତା ପରିକ୍ରମା ବେଳେ ବ୍ରହ୍ମପୁରବାସୀଙ୍କୁ ସରକାର ଠକିଥିବା ସଙ୍ଗିନ ଅଭିଯୋଗ କରି ସ୍ଲୋଗାନ ଦେଇଥିଲେ। ସହରାଞ୍ଚଳ ସମସ୍ୟା ସମାଧାନ ଦାବି କରି କିଛି ସମୟ ନିଗମ କାର୍ଯ୍ୟାଳୟ ଘେରାଉ ମଧ୍ୟ କରାଯାଇଥିଲା। ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡାଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

ପ୍ରତିବାଦ ସଭାରେ ନେତାମାନେ କହିଥିଲେ, ଅସମ୍ପୂର୍ଣ୍ଣ ଜାନିବିଲି ଜଳ ଯୋଗାଣ ପ୍ରକଳ୍ପ ଗତ ମାର୍ଚ୍ଚ ମାସରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାର ୮ ମାସ ବିତିବା ପରେ ବି ନିର୍ମାଣ ସରିନାହିଁ। ସବୁ ଘରକୁ ଜାନିବିଲି ପାଣି ଯୋଗାଣ ନାଁରେ ସମ୍ପୃକ୍ତ ଠିକା ସଂସ୍ଥା ମହାନଗର ସାରା ଖୋଳି ରାସ୍ତାଗୁଡ଼ିକ କଦର୍ଯ୍ୟ କରିଦେଇଛି। ଫଳରେ ଯାନବାହନ ଓ ଲୋକଙ୍କ ଯାତାୟାତ ବିପଜ୍ଜନକ ହୋଇଛି। ବର୍ଷା ଋତୁରେ ମଧ୍ୟ ସହରରେ ନିଅଣ୍ଟିଆ ପାଣି ବାସିନ୍ଦାଙ୍କୁ ଅଧିକ କଲବଲ କରୁଛି। ସବୁ ସାହିବସ୍ତିରେ କୁଢ଼ କୁଢ଼ ମାଟି ଯୋଗୁ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ହୋଇଯାଇଛି। ଅପରପକ୍ଷରେ ରାଜନୀତି ପାଇଁ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ କହୁଛନ୍ତି। ନିର୍ବାଚନ ପରେ ସେ ପ୍ରତିଶ୍ରୁତି ଭୁଲି ମହାନଗରବାସୀଙ୍କୁ ଭୁଆଁ ବୁଲାଇଥିବା କଂଗ୍ରେସ ଅଭିଯୋଗ କରିଛି।

ମହାନଗରରେ ଇତିମଧ୍ୟରେ ହୋଇଥିବା କେତେକ ସଡ଼କ ଓ ଡ୍ରେନ ନିର୍ମାଣ ନିମ୍ନମାନର ହୋଇଛି। ସହର ଦୁଇ ପାର୍ଶ୍ୱରେ ଥିବା ବାହାନା ଓ ସାପୁଆ ନାଳ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବର୍ଷା ହେବା ମାତ୍ରେ ନାଳପାଣି ନିଷ୍କାସନ ହୋଇ ନ ପାରି ବିଭିନ୍ନ ସାହି ଓ ଘର ଗୁଡିକରେ ପଶି ସମସ୍ୟା ସୃଷ୍ଟି କରୁଛି। ଉପରୋକ୍ତ ସମସ୍ୟା ତୁରନ୍ତ ସମାଧାନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ବିଏମ୍‌ସି କମିଶନରଙ୍କୁ ଦିଆଯାଇଥିଲା। ତ୍ୱରିତ କାର୍ଯ୍ୟାନୁଷ୍ଠାନ କରା ନ ଗଲେ ନଗର କଂଗ୍ରେସ ବୃହତ ଆନ୍ଦୋଳନ କରିବାର ଚେତାବନୀ ଦିଆଯାଇଛି। କମିଶନର ବିକ୍ଷୋଭ ସ୍ଥଳକୁ ଆସି ଦାବିପତ୍ର ନେଇଥିଲେ।

## କଟକରୁ ଉଦ୍ଧାର ହେଲେ ନାବାଳିକା

# ଅପହରଣକାରୀ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୩୧।୧୦

ବ୍ରହ୍ମପୁର ଟାଉନ ଥାନା ପୋଲିସ ୧୦ ବର୍ଷ ତଳେ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ କଟକ ଓଡ଼ିଆ ବଜାରରୁ ବୁଧବାର ଉଦ୍ଧାର କରିଛି। ଏହାସହିତ ଅପହରଣକାରୀ ଯୁବକଙ୍କୁ ମଧ୍ୟ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଖାଜା ସାହିର ଶେଖ ବାଦଶାହା। ମାମଲା ନଂ. ୭୪/୦୯ରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପୀଡିତାଙ୍କର କୋର୍ଟରେ ଧାରା ୧୬୪ ରେ ବୟାନ ରେକର୍ଡ କରାଯାଇଛି। ଘଟଣାରୁ ପ୍ରକାଶ, ୨୦୦୯ ଅକ୍ଟୋବର ୩୧ରେ ଜଣେ ଦଳିତ ନାବାଳିକାଙ୍କୁ ବାଦଶାହା ଅପହରଣ କରି ନେଇଯାଇଥିଲେ। ପୀଡିତାଙ୍କ ବାପା ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଶେଷରେ ୧୦ ବର୍ଷ ପରେ ପୋଲିସ ବୁଧବାର ଅପହରଣକାରୀ ଜଣକ କଟକରେ ରହୁଥିବା ଖବର ପାଇ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ଏହି ମାମଲାରେ ପୋଲିସ ପୂର୍ବରୁ ନାବାଳିକାଙ୍କୁ ଅପହରଣ କରି ନେବାରେ ସହଯୋଗ କରିଥିବା ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଉତ୍କଳ ସମ୍ମିଳନୀ ନାମରେ ହେଉ ପଲାସା-ଭୁବନେଶ୍ୱର ପାସେଞ୍ଜର


ସମ୍ମିଳନୀ ପକ୍ଷରୁ ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ବ୍ରହ୍ମପୁର ଅଫିସ,୩୧।୧୦

**ଉତ୍କଳ ସମ୍ମିଳନୀର ଦାବି**

ପଲାସା-ଭୁବନେଶ୍ୱର ଡିଏମ୍ୟୁ ପାସେଞ୍ଜର ଟ୍ରେନକୁ ଉତ୍କଳ ସମ୍ମିଳନୀ ପାସେଞ୍ଜର ଟ୍ରେନ ନାମରେ ନାମିତ କରିବାକୁ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଦାବି ହୋଇଛି। ଏଥିସହ ଏହାକୁ ପୁରୀ ସମ୍ପ୍ରସାରଣ କରିବାକୁ ସମ୍ମିଳନୀ ଦାବି କରିଛି। ଏନେଇ ଗୁରୁବାର ବ୍ରହ୍ମପୁର ରେଳ ଷ୍ଟେଶନ ମ୍ୟାନେଜର ଚଣ୍ଡୀତ୍ରିବେଦ ପ୍ରସନ୍ନ କୁମାର ଦାଶଙ୍କୁ ଖୋର୍ଦ୍ଧା ଡିଭିଜନ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ପଲାସା-ଭୁବନେଶ୍ୱର ଡିଏମ୍ୟୁ ପାସେଞ୍ଜର ଟ୍ରେନର ନାମ ଉତ୍କଳ ସମ୍ମିଳନୀ ପାସେଞ୍ଜର ଟ୍ରେନ ନାମରେ ନାମିତ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ଉଚ୍ଛେଦ କରାଯାଇଥିବା ସମ୍ମିଳନୀ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଟ୍ରେନକୁ ପୁନଃ ଉତ୍କଳ ସମ୍ମିଳନୀ ନାମରେ ନାମିତ କରିବା ସହ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବାକୁ ସମ୍ମିଳନୀ ପକ୍ଷରୁ କୁହାଯାଇଛି। ଏଥିସହ ବର୍ତ୍ତମାନ ଇଚ୍ଛାପୁରରୁ କଟକ ଚଳାଚଳ କରୁଥିବା ମେମୋ ଟ୍ରେନକୁ ବ୍ରହ୍ମପୁରରୁ ଚଳାଚଳ କରିବାକୁ ମଧ୍ୟ ସମ୍ମିଳନୀ ଦାବି ପତ୍ରରେ ଉଲ୍ଲେଖ କରିଛି। ଏହି ଅବସରରେ ବ୍ରହ୍ମପୁର ରେଳ ଷ୍ଟେଶନ ମ୍ୟାନେଜର ଦାଶ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ସମ୍ମିଳନୀ ଶାଖା ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ଯୁଗ୍ମ ସମ୍ପାଦକ ଡ଼ା. ନକୁଳ ସାହୁ, କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ଅଶୋକ କୁମାର ସାହୁ, ହାଡ଼ିବନ୍ଧୁ ମାଳି, ଆଶିଷ କୁମାର ପାଣିଗ୍ରାହୀ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# 'ଅଧିକାର ହାସଲ ପାଇଁ ସଂଗଠିତ ହୁଅ'



ଶତବାର୍ଷିକୀ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ବକ୍ତାମାନେ।

ବ୍ରହ୍ମପୁର ଅଫିସ୍,୩୧।୧୦

ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସ (ଏଆଇଟିୟୁସି)ର ଜିଲାସ୍ତରୀୟ ଶତବାର୍ଷିକୀ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପାର୍କସାହିସ୍ଥିତ ସଂଗଠନ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଆଇଟିୟୁସିର ଲାଲ୍ ପତାକାକୁ ଶ୍ରମିକ ନେତା ବୃନ୍ଦାବନ ପଲେଇ ଉତ୍ତୋଳନ କରିଥିଲେ। ଜିଲା ସଭାପତି ପ୍ରଶାନ୍ତ ପାଢଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଉଦ୍‌ଘାଟନ କରିଥିଲେ। ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ, ଏଆଇଟିୟୁସିର ଜିଲା ସମ୍ପାଦକ ଅଳକନାଥ ମିଶ୍ର, ଉପସଭାପତି ବୃନ୍ଦାବନ ପଲେଇ, କେଶବ ନାହାକ, ଉତ୍କଳ ମହିଳା ସମିତି ଜିଲା ଆବାହିକା ଆର.ବିଜୟାଲକ୍ଷ୍ମୀ ପ୍ରମୁଖ ଉଦ୍‌ବୋଧନ ଦେଇ ନିଜ ଅଧିକାର ହାସଲ ପାଇଁ ଶ୍ରମିକମାନେ ସଂଗଠିତ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। କେନ୍ଦ୍ରରେ ମୋଦି ସରକାର ଶାସନ ଗାଦିରେ ବସିବା ପରେ ଶ୍ରମିକ ବିରୋଧୀ ନୀତି ଗ୍ରହଣ କରିଛନ୍ତି। କଳକାରଖାନା ବନ୍ଦ, ଶ୍ରମିକ ଛଟେଇ ବଢ଼ିଚାଲିଛି। ଶ୍ରମିକ ଆନ୍ଦୋଳନକୁ ଦମନ ପାଇଁ ଷଡଯନ୍ତ୍ର ଚାଲିଛି। ଧର୍ମଘଟ ଦ୍ୱାରା ଶ୍ରମିକମାନେ ଦାବି ହାସଲ କରୁଥିବା ବେଳେ ବର୍ତ୍ତମାନ ଶ୍ରମ ଆଇନ୍‌ରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଭଳି ଏକ ସମୟରେ, ଯେବେ ଶ୍ରମିକମାନଙ୍କ ଆର୍ଥିକ ଏବଂ ସାମାଜିକ ସୁରକ୍ଷା ବିପନ୍ନ ହେବାକୁ ଯାଉଛି, ସମସ୍ତେ ସଂଗଠିତ ହୋଇ ଆନ୍ଦୋଳନ କରିବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଗୁରୁବାରରୁ ଆରମ୍ଭ ହୋଇଥିବା ଶତବାର୍ଷିକୀ ଉତ୍ସବ ୨୦୨୦ ଅକ୍ଟୋବର ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏକ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ ବୋଲି ବକ୍ତାମାନେ କହିଥିଲେ।

## ନାବାଳିକା ଗଣବଳାତ୍କାର ମାମଲା

# ପ୍ରମାଣ ଅଭାବରୁ ୩ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୩୧।୧୦

ଗଞ୍ଜାମ ଜିଲା ଦ୍ୱିତୀୟ ଅତିରିକ୍ତ ଦୌରା ଜଜ (ଏଡିଜେ -୨) ଜଗଦୀଶ ପ୍ରସାଦ ମହାନ୍ତି ଗୁରୁବାର ଏକ ନାବାଳିକା ଗଣ ବଳାତ୍କାର ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସୁଦର୍ଶନ ନାୟକ, କାହ୍ନୁ ପାତ୍ର ଓ ତୁଫାନ ନାୟକ ବୋଲି ସେମାନଙ୍କ ଓକିଲ କହିଛନ୍ତି।

ପ୍ରକାଶ ଯେ, ୨୦୧୮ ଡିସେମ୍ବର ୧୫ ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ନିକଟସ୍ଥ ଏକ ଖଳାରୁ ୩ ଜଣ ଯୁବକ ବଳପୂର୍ବକ ଉଠାଇ ନେଇ ଗଣ ବଳାତ୍କାର କରିଥିଲେ। ଏନେଇ ପୀଡିତାଙ୍କ ବାପା ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ନଂ.୨୨୬/୧୮ରେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଜିଆର କେସ୍ ନଂ.୧୩୮/୧୮ ମାମଲାର ବିଚାର ବେଳେ ୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ବିଚାରପତି ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଶୁକ୍ଳା ଓ ଦୁର୍ଗା ଶଙ୍କର ବେହେରା ମକଦ୍ଦମା ପରିଚାଳନା କରିଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଚେସ୍ ଦଳ ଚୟନ

ବ୍ରହ୍ମପୁର ଅଫିସ୍,୩୧।୧୦

ଗଜପତି ଜିଲା ପାରଳାଖେମୁଣ୍ଡି ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଚେସ୍ ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ଭାଗନେବା ପାଇଁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଦଳ ମନୋନୀତ ହୋଇଛି। ଦଳରେ ବିଶ୍ୱବିଦ୍ୟାଳୟର ଋଷିତୋଷ ପାତ୍ର, ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପିଙ୍କୁ କୁମାର ସାହୁ, ଆଶିଷ ମାଝି, କ୍ଷେତ୍ରମୋହନ ନାୟକ ଏବଂ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ରୁଦ୍ର ପ୍ରସାଦ ଖଟୁଆ ରହିଛନ୍ତି। ଦଳ ସହ ମ୍ୟାନେଜର ଭାବେ ବିଶ୍ୱବିଦ୍ୟାଳୟ ଅରୁଣ କୁମାର ନାୟକ ରହିଛନ୍ତି। କ୍ରୀଡ଼ା ପରିଷଦ ସମ୍ପାଦକ ଡ. ମନୋଜ କୁମାର ପଣ୍ଡା, ସହସମ୍ପାଦକ ମହେନ୍ଦ୍ର କୁମାର ବେହେରା, ଗୌରୀଶଙ୍କର ପାତ୍ର, ସୁଧୀରକାନ୍ତ ପଣ୍ଡା ଓ କଳ୍ପନା ବେହେରା ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସଫଳ ସ୍କେଟର୍‌ଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ୍,୩୧।୧୦

ଗତ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରରେ ସିବିଏସ୍‌ଇ ପକ୍ଷରୁ ଜୋନାଲ ଲେବଲ ସ୍କେଟିଂ ଚାମ୍ପିୟନସିପ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ତେବେ କମାପଲ୍ଲୀସ୍ଥିତ ସିଲକି ରୋଲର ସ୍କେଟିଂ ଏକାଡେମିର ୬ ଜଣ ସ୍କେଟର ଏଥିରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ସ୍କେଟର ଉତ୍ତମ ପ୍ରଦର୍ଶନ କରି ସଫଳତା ପାଇଥିବା ବେଳେ ତିନୋଟି ସ୍ୱର୍ଣ୍ଣ ଏବଂ ତିନଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଣୁ ଏହି ସ୍କେଟରମାନଙ୍କୁ ଉତ୍ସାହିତ ଓ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ଏକାଡେମିରେ ଏକ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଅଲମ୍ପିୟାନ୍ ତଥା ଭାରୋତ୍ତୋଳକ କେ.ରବି କୁମାର, ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ତଥା ଜିଲା ରୋଲର ସ୍କେଟିଂ ଆସୋସିଏଶନ ସଭାପତି ଅଶୋକ ସାହୁ ଏବଂ ଶିକ୍ଷାବିତ୍ ତଥା ଉପ-ସଭାପତି ଇ.ଟି. ରାଓ ଅତିଥି ଭାବେ ଯୋଗଦେଇ ସ୍କେଟରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ୮ ବର୍ଷରୁ କମ ବର୍ଗରେ ଡିଏଭି ପବ୍ଲିକ ସ୍କୁଲର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଅନ୍ୱେଷା ବିଷୋୟୀ ୩ଶହ ମିଟର ଏବଂ ଏକ ହଜାର ମିଟର ରେସରେ ପ୍ରଥମ ସ୍ଥାନ ଅଧିକାର କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ୧୦ ବର୍ଷରୁ କମ ବର୍ଗରେ ଡିଏଭି ପବ୍ଲିକ ସ୍କୁଲ ଛାତ୍ର ଆଶୁତୋଷ ପାଢୀ ୧ ହଜାର ମିଟର ରେସରେ ସ୍ୱର୍ଣ୍ଣ ଓ ୩ଶହ ମିଟରରେ ବ୍ରୋଞ୍ଜ ପଦକ, ୧୨ ବର୍ଷ ବାଳକ ବର୍ଗରେ କେ.ସି. ପବ୍ଲିକ୍ ସ୍କୁଲର ପୁନିତ ଗୌଡ଼ ୧ ହଜାର ମିଟର ରେସରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ, ସଙ୍କଳ୍ପ ହାୟାର ସେକେଣ୍ଡାରୀ ସ୍କୁଲର ଅନୁଭବ ପଣ୍ଡା ୧୪ ବର୍ଷ ବର୍ଗ ଏକ ହଜାର ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅନ୍ୱେଷା ଏବଂ ଆଶୁତୋଷ ନଭେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଲଗାଁଓରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍କେଟିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ସ୍କେଟର୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଯୁକ୍ତ ୩ ପରୀକ୍ଷାରେ ସଫଳତା

ବ୍ରହ୍ମପୁର ଅଫିସ୍,୩୧।୧୦


ଗୁରୁଜୀଙ୍କ ଗହଣରେ ସଫଳ ଛାତ୍ରୀଛାତ୍ରମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଯୁକ୍ତ ୩ ତୃତୀୟ ବର୍ଷ ବିଜ୍ଞାନ ପରୀକ୍ଷା ଯୋଗ୍ୟଭିତ୍ତିକ ମେଧା ତାଲିକା ପ୍ରକାଶ ପାଇଛି। ଏହି କ୍ରମାନ୍ୱୟ ମେଧା ତାଲିକାରେ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ୭ ବିଜ୍ଞାନ ସମ୍ମାନ ବିଷୟ ଯଥା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଭୂ-ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଏବଂ କମ୍ପ୍ୟୁଟର ବିଜ୍ଞାନ ପାଠ୍ୟକ୍ରମରେ ଏହି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିଛନ୍ତି। ଭୂ-ବିଜ୍ଞାନରେ ଶକ୍ତି ସୌରଭ ଦାସ ସମଗ୍ର ବିଶ୍ୱବିଦ୍ୟାଳୟରେ ସର୍ବୋଚ୍ଚ ୧୩୪୮ ମାର୍କ ସହିତ ଡିଷ୍ଟିଙ୍ଗସନ୍ ରଖି ବିଶ୍ୱବିଦ୍ୟାଳୟର ସର୍ବୋତ୍ତମ ସ୍ନାତକ ଭାବେ ବିବେଚିତ ହୋଇଛନ୍ତି। ଏଥି ସହ ପ୍ରଥମ ୧୦ଜଣଙ୍କ ମଧ୍ୟରେ ଏହି ମହାବିଦ୍ୟାଳୟରୁ ଭୂ-ବିଜ୍ଞାନରେ ୭ଜଣ, ଉଦ୍ଭିଦ ବିଜ୍ଞାନରେ ୫, ରସାୟନ ବିଜ୍ଞାନରେ ୮, କମ୍ପ୍ୟୁଟର ବିଜ୍ଞାନରେ ୮, ଗଣିତରେ ୭, ପଦାର୍ଥ ବିଜ୍ଞାନରେ ୭ ଏବଂ ପ୍ରାଣୀ ବିଜ୍ଞାନରେ ୫ ଛାତ୍ରୀଛାତ୍ର ସ୍ଥାନିତ ହୋଇଛନ୍ତି। ସମଗ୍ର ବିଶ୍ୱବିଦ୍ୟାଳୟରେ ସମ୍ମାନ ସହିତ ଡିଷ୍ଟିଙ୍ଗ୍‌ସନ୍ ଏବଂ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ହେଲେ ପଦାର୍ଥ ବିଜ୍ଞାନରେ ଶ୍ରୀକାନ୍ତ ମହାରଣା, ଗଣିତରେ କେ. ଭେଙ୍କେଟ ମାଧବ, କମ୍ପ୍ୟୁଟର ବିଜ୍ଞାନରେ ସୁଚିତ୍ରା ସ୍ୱାଇଁ, ରସାୟନ ବିଜ୍ଞାନରେ ନମୁନା ପାଣିଗ୍ରାହୀ, ଉଦ୍ଭିଦ ବିଜ୍ଞାନରେ ଆଶିଷ କୁମାର ପଟ୍ଟନାୟକ ଏବଂ ଭୂ-ବିଜ୍ଞାନରେ ଶକ୍ତିସୌରଭ ଦାସ। ଏହି ଶିକ୍ଷାନୁଷ୍ଠାନର ଅଭିଜ୍ଞ ଏବଂ ଉତ୍ସର୍ଗୀକୃତ ଶିକ୍ଷକମାନଙ୍କ ଶିକ୍ଷାଦାନ ପ୍ରଣାଳୀକୁ ଶ୍ରେୟ ଦିଆଯାଉଛି। ଉନ୍ନତମାନର ଆଧୁନିକ ପରୀକ୍ଷା ପ୍ରଣାଳୀ, ସଂଗଠିତ ବ୍ୟବସ୍ଥା, ଉଚ୍ଚକୋଟୀର ପାଠ୍ୟଖସଡ଼ା, ଛାତ୍ରୀଛାତ୍ରମାନଙ୍କର ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ଉତ୍କର୍ଷତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ.ହରେକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଯୁଗ୍ମସମ୍ପାଦିକା ମମତା ପାଣିଗ୍ରାହୀ, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ସୁଦର୍ଶନ ପାଢ଼ୀ, ନରସିଂହ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଡିନ୍ ପ୍ରଫେସର ବିବେକାନନ୍ଦ ପଣ୍ଡା, ପ୍ରଫେସର ରାଜେନ୍ଦ୍ର ମୂର୍ତ୍ତି, ପ୍ରଫେସର ଉମେଶ ସାହୁ, ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ, ବିଦ୍ୟାଳୟ ଅଧ୍ୟକ୍ଷ ଏସ୍.ମୋହନ ରାଓ ଏବଂ ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୧ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ଘଡଘଡି ସହ ବର୍ଷା, ବିଦ୍ୟୁତ୍ ସେବା ବ୍ୟାହତ

#### ରାସ୍ତାରେ ଭାସିଲା ଡ୍ରେନ୍ ପାଣି

**ଭଞ୍ଜନଗର,୩୧।୧୦(ଡି.ଏନ.ଏ):** ଭଞ୍ଜନଗର ଅଞ୍ଚଳରେ ଗୁରୁବାର ଅପରାହ୍ନ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଘଡଘଡି ସହ ପ୍ରବଳ ବର୍ଷା ହୋଇଛି। ଏହା ପ୍ରଭାବରେ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଛି। ସନ୍ଧ୍ୟା ସୁଦ୍ଧା ସାଉଥ୍କୋ କର୍ମଚାରୀ ତ୍ରୁଟିକୁ ଧରି ପାରିନାହାନ୍ତି। ବର୍ଷା ପ୍ରଭାବରେ ଭଞ୍ଜନଗର ସହରର ଡ୍ରେନ ପାଣି ରାସ୍ତା ଉପରେ ଭାସିଥିଲା। ଡ୍ରେନ ଗୁଡିକର ମଇଳା ଠିକ୍ ଭାବେ ସଫା କରାଯାଉ ନ ଥିବା ଯୋଗୁ ଏହି ସମସ୍ୟା ଦେଖାଦେଇଥିଲା। ଯାହାକୁ ନେଇ ସହରବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶେଷ କରି ବାଗ୍‌ଦେବୀ ରୋଡ, ଆର୍‌ସିରୋଡ, ଭେଜିପୁଟ, ଏଲ.ଆଇ.ସି କଲୋନୀ, ପୁରୁଣା ବଜାର ସାହି, ରଥ ସାହି ପ୍ରମୁଖ ଅଞ୍ଚଳର ଡ୍ରେନର ମଇଳା ପାଣି ବର୍ଷା ସମୟରେ ରୋଡରେ ଭାସିଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ଦୁର୍ଘଟଣାରେ ବାପ, ଝିଅ ଆହତ

**ଭଞ୍ଜନଗର,୩୧।୧୦(ଡି.ଏନ.ଏ.):** ଭଞ୍ଜନଗର ସୋରାଦେବୀ ମନ୍ଦିର ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ଏକ ଲୁନା ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଲାଲସିଂର ସୁଦାମ ସ୍ୱାଇଁ ଓ ତାଙ୍କ ଝିଅ ଶୁଭଶ୍ରୀ ଆହତ ହୋଇଛନ୍ତି। ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ବାପ ଝିଅଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ସୁଦାମ କୌଣସି କାମରେ ଗୁଣ୍ଡିରିବାଡି ଯାଇ ସନ୍ଧ୍ୟାରେ ଝିଅକୁ ଧରି ଲାଲସିଂ ଫେରୁଥିଲେ। ବାଟରେ ଝଡବର୍ଷା ଯୋଗୁ ସୋରାଦେବୀ ମନ୍ଦିର ନିକଟରେ ରାସ୍ତା ଉପରେ ପଡିଥିବା ଏକ ଗଛରେ ଲୁନା ପଟିହୋଇ ଦୁର୍ଘଟଣା ଘଟିଥିଲା।

### ଗିନିଜ୍ ୱାର୍ଲଡ ରେକର୍ଡ ଲକ୍ଷ୍ୟରେ ବ୍ରହ୍ମପୁର ସ୍କେଟର୍

**ବ୍ରହ୍ମପୁର ଅଫିସ୍,୩୧।୧୦:** ନଭେମ୍ବର ୧ ରୁ ୩ ତାରିଖ ପର୍ଯ୍ୟନ୍ତ ନିରନ୍ତର ୪୮ ଘଣ୍ଟା କଙ୍ଗୋ ଲାଇନ୍ ସ୍କେଟିଂ ଗିନିଜ ୱାର୍ଲଡ଼ ରେକର୍ଡ ପ୍ରତିଷ୍ଠା ଲକ୍ଷ୍ୟରେ ବ୍ରହ୍ମପୁର ସ୍କେଟିଂ ଏକାଡେମୀ ତରଫରୁ ୨୪ ସ୍କେଟର ଭାଗନେବେ। ଏହି କାର୍ଯ୍ୟକ୍ରମ କର୍ଣ୍ଣାଟକର ବେଲଗାଓଁରେ ଅନୁଷ୍ଠିତ ହେବ। ଖେଳାଳିମାନେ ପ୍ରତିଯୋଗିତାରେ ଭାଗନେବା ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ଏକାଡେମୀ ତରଫରୁ କାଳୁପାତ୍ର ସାହି ସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକ ବିଜୟଟୀକା ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ର, ଜାତୀୟ ରୋଲବଲ ରେଫରି ସୁକାନ୍ତ ଦଳବେହେରା ଓ ଏକାଡେମୀ କୋଚ ବିଭୂତି ଜେନା ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ଏହାସହ ଡିଏଭି ଜୋନାଲ ସ୍କେଟିଂ ମିଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଏ. ରାଜ କୁମାର ଏବଂ ରକ୍ଷିଲ ସାସମଲ ଏବଂ ବ୍ରୋଞ୍ଜ ପଦକ ହାସଲ କରିଥିବା ଟି.ଗୋକୁଳ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭୂତି ଜେନା ସଂଯୋଜନା କରିଥିବାବେଳେ ଅଭିଭାବକ ମାନେ ସହଯୋଗ କରିଥିଲେ।

### ୩ରେ ସ୍କେଟର ଚୟନ ଶିବିର

**ବ୍ରହ୍ମପୁର ଅଫିସ୍,୩୧।୧୦:** ୫୭ତମ ଜାତୀୟ ରୋଲର ସ୍କେଟିଂ ଚାମ୍ପିୟନଶିପ ଡିସେମ୍ବର ୧୫ରୁ ୨୪ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣମ୍‌ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ କ୍ୟାଡେଟ ଗ୍ରୁପ ଏବଂ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ଗ୍ରୁପର ଖେଳାଳିମାନେ ଭାଗନେବେ। ଆନ୍ଧ୍ରପ୍ରଦେଶ ରୋଲର ସ୍କେଟିଂ ଆସୋସିଏଶନ ତରଫରୁ ଏହା ଆୟୋଜନ କରାଯାଉଛି। ରୋଲର ସ୍କେଟିଂ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନ୍‌ଶିପ୍‌ରେ ଓଡ଼ିଶାର ସମସ୍ତ ବର୍ଗର ସ୍କେଟରମାନେ ଅଂଶ ଗ୍ରହଣ କରିବେ। ଏଥି ପୂର୍ବରୁ ବ୍ରହ୍ମପୁରରେ ରାଜ୍ୟସ୍ତରୀୟ ଚୟନ ଶିବିର ଆସନ୍ତା ୩ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଚୟନ ଶିବିର ବ୍ରହ୍ମପୁର ଉପକଣ୍ଠ ଭାବନ୍ଧ ଗାନ୍ଧୀ ସ୍କୁଲ ଅଫ ଇଞ୍ଜିନିୟରିଂ କଲେଜରେ ଅନୁଷ୍ଠିତ ହେବ। ଏଥିରେ ୫ରୁ ୧୭ବର୍ଷର ସ୍କେଟର ଏବଂ ତା' ଠାରୁ ଅଧିକ ବର୍ଗର ସ୍କେଟର ଅଂଶ ଗ୍ରହଣ

#### 'ଡ୍ରିମ୍' ଦେଖାଇଲା ମାଟ୍ରିକ୍ ବାସ୍ତବତା

# ଗଣିତରେ ଅଧା ଛାତ୍ରୀଛାତ୍ର ଫେଲ୍

**ବ୍ରହ୍ମପୁର ଅଫିସ୍,୩୧।୧୦**

ଗଞ୍ଜାମ ଜିଲାରେ ମାଟ୍ରିକ୍ ପରୀକ୍ଷାଫଳ କ୍ରମାଗତ ଭାବେ ନୈରାଶ୍ୟଜନକ ରହୁଛି। ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଫେଲ୍ ହେଉଛନ୍ତି ତାହା ନୁହଁ, ଏ-୧ ଗ୍ରେଡ୍ ମଧ୍ୟ ଆଶାତୀତ ରହୁନାହିଁ। କେତେକ ଘରୋଇ ବିଦ୍ୟାଳୟକୁ ଛାଡ଼ିଦେଲେ, ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରାୟତଃ ଏ-୧ ଗ୍ରେଡ୍ ଦେଖିବାକୁ ମିଳୁନି। ଚଳିତ ବର୍ଷ ଏଥିରେ ସୁଧାର ଆଣିବା ପାଇଁ ପଦକ୍ଷେପ ନିଆଯାଉଛି। ମାଟ୍ରିକ ପରୀକ୍ଷାଫଳରେ ଉନ୍ନତି ପାଇଁ ଜିଲାରେ ମିଶନ୍ 'ଡ୍ରାଇଭ୍ ଫର୍ ରେଜଲ୍ଟ ଏନ୍‌ହାଚମେଣ୍ଟ ଇନ୍ ଆନୁଆଲ୍ ମାଟ୍ରିକ୍ୟୁଲେଶନ୍ ଏକ୍ସଜାମ୍(ଡ୍ରିମ୍)' ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଗତ ୨୦ତାରିଖରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ଯୋଜନାର କାର୍ଯ୍ୟକାରିତା ଘୋଷଣା କରିଛନ୍ତି। ତଦନୁଯାୟୀ, ସପ୍ତାହର ପ୍ରତ୍ୟେକ ସୋମବାର ଏବଂ ଗୁରୁବାର ବିଭିନ୍ନ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେଉଛି। ଗତ ୨୧ତାରିଖରେ ପ୍ରଥମକରି ଗଣିତ ବିଷୟରେ ପରୀକ୍ଷା ଆୟୋଜିତ ହୋଇଥିଲା। ଏହାର ଫଳାଫଳ ପ୍ରାୟତଃ ପ୍ରକାଶ ପାଇଛି, ଯେଉଁଥିରେ ପ୍ରାୟ ଅଧା ଛାତ୍ରୀଛାତ୍ର ଗଣିତରେ ଫେଲ୍ ହୋଇଥିବା ଜଣାପଡ଼ିଛି। ଏହା କେବଳ ଅଭିଭାବକ କିମ୍ବା ଶିକ୍ଷୟିତ୍ରୀ ଶିକ୍ଷକ ନୁହଁ, ଅଧିକାରୀଙ୍କ ଚିନ୍ତା ବଢ଼ାଇ ଦେଇଛି।

ଛାତ୍ରୀଛାତ୍ରଙ୍କ ମନରୁ ପରୀକ୍ଷା ଭୟ ଦୂର କରିବା ପାଇଁ ବୋର୍ଡ଼ ପରୀକ୍ଷା ଢ଼ାଞ୍ଚାରେ ସୋମବାର ଏବଂ ଗୁରୁବାର ପରୀକ୍ଷା ବା କମନ୍‌ଟେଷ୍ଟ ଅନୁଷ୍ଠିତ ହେଉଛି। ତେବେ ମିଶନ୍ 'ଡ୍ରିମ୍'ରେ ଆଉ ଏକ ବ୍ୟବସ୍ଥା ରହିଛି। ତାହା ହେଉଛି, ଅଭିଭାବକମାନେ ଅନ୍‌ଲାଇନ୍‌ରେ ପ୍ରତ୍ୟେକ ପରୀକ୍ଷାର ଫଳାଫଳ ଦେଖିପାରିବେ। ପରୀକ୍ଷା ଦିନର ଏକ ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ଗତ ୨୧ତାରିଖରେ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୬୦୨ ବିଦ୍ୟାଳୟ ମଧ୍ୟରୁ ମାତ୍ର ୬୮ ବିଦ୍ୟାଳୟର ତଥ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ ରହିଛି। ୭ହଜାର ୬୯୮ ଛାତ୍ରୀଛାତ୍ର ଗଣିତ ପରୀକ୍ଷା ଦେଇଥିଲେ। ସେଥିରୁ ମାତ୍ର ୮୬ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଏ-୨ ଗ୍ରେଡ୍‌ରେ ୧୭୩, ବି-୧ ଗ୍ରେଡ୍‌ରେ ୨୩୦, ବି-୨ ଗ୍ରେଡ୍‌ରେ ୩୦୮, ସି ଗ୍ରେଡ୍‌ରେ ୪୯୫, ଡି ଗ୍ରେଡ୍‌ରେ ୬୬୧ ଏବଂ ଇ ଗ୍ରେଡ୍‌ରେ ୬୬୧ ଉତ୍ତୀର୍ଣ୍ଣ ହୋଇଛନ୍ତି।



- ଅନେକ ବିଦ୍ୟାଳୟରେ ମାତ୍ର ୧୦ପ୍ରତିଶତ ଉତ୍ତୀର୍ଣ୍ଣ
- ଅନ୍‌ଲାଇନ୍‌ରେ ଉପଲବ୍ଧ ହେଉନି ପରୀକ୍ଷାଫଳ
- ୬୦୨ରୁ ମାତ୍ର ୬୮ ବିଦ୍ୟାଳୟ ଦେଇଛନ୍ତି ତଥ୍ୟ

ହେଲେ ଫେଲ୍ ସଂଖ୍ୟା ଚିନ୍ତାଜନକ ରହିଛି। ୪୫୬୫ ଛାତ୍ରୀଛାତ୍ର ପରୀକ୍ଷାରେ ଫେଲ୍ ହୋଇଯାଇଛନ୍ତି। ମୋଟଙ୍କ ମଧ୍ୟରୁ ଏହା ମାତ୍ର ଖୁବ୍ କମ୍ ସଂଖ୍ୟକ ବିଦ୍ୟାଳୟର ପରୀକ୍ଷା ଫଳ ହୋଇଥିଲେ ମଧ୍ୟ ସଂଖ୍ୟା ସମସ୍ତଙ୍କୁ ଚକିତ କରିଛି।

ଅନ୍ୟପଟେ ଯଦି କେତେକ ବିଦ୍ୟାଳୟର ପରୀକ୍ଷା ଫଳକୁ ତର୍ଜମା କରାଯାଏ, ତେବେ ସାଂଘାତିକ ତଥ୍ୟ ପଦାକୁ ଆସୁଛି। ଯେମିତି କି ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୩୬ ଛାତ୍ରୀଙ୍କ ମଧ୍ୟରୁ ୯୮ ଛାତ୍ରୀ ଫେଲ୍ ହୋଇଯାଇଛନ୍ତି। ଶେରଗଡ଼ ବ୍ଲକ ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ୧୦୮ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮୫ଜଣ ଫେଲ୍ ହୋଇଯାଇଛନ୍ତି। ଏହି ବ୍ଲକର କୃଷ୍ଣଛାଇ ପ୍ରକଳ୍ପ ୟୁ.ପି. ସ୍କୁଲରେ ୪୫ଜଣଙ୍କ ମଧ୍ୟରୁ ୩୦ ଫେଲ୍ ହୋଇଛନ୍ତି। ଗୋବିନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୯୭ଜଣଙ୍କ ମଧ୍ୟରୁ ୭୨, ଗାଠଗାଁ ପ୍ରକଳ୍ପ ୟୁ.ପି. ବିଦ୍ୟାଳୟରେ ୮୧ଜଣଙ୍କ ମଧ୍ୟରୁ ୫୯ ଫେଲ୍ ହୋଇଯାଇଛନ୍ତି। ପୁରୁଷୋତ୍ତମପୁର ବ୍ଲକର ଆର୍.ଟି. ବିଦ୍ୟାପୀଠ ହାଇସ୍କୁଲରେ ୧୬୦ଜଣଙ୍କ ମଧ୍ୟରୁ ୧୦୭ ଫେଲ୍ ହୋଇଯାଇଛନ୍ତି।

ତେବେ ଏହା ହେଉଛି ୬୦୨ ମଧ୍ୟରୁ ମାତ୍ର ୬୮ ବିଦ୍ୟାଳୟର ପରୀକ୍ଷା ଫଳ। କିନ୍ତୁ ଏହି ଫଳାଫଳକୁ ଦେଖିଲେ, ଅନ୍ୟ ବିଦ୍ୟାଳୟଗୁଡ଼ିକର ଫଳାଫଳ ମଧ୍ୟ ଅତ୍ୟନ୍ତ ଖରାପ ଥିବ ବୋଲି ଆଶଙ୍କା କରାଯାଉଛି। ଗୋଟିଏ କି ଦୁଇଟି ବ୍ଲକ ନୁହଁ, ପ୍ରାୟତଃ ସମସ୍ତ ବ୍ଲକରେ ଫେଲ୍ ସଂଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଅନ୍ୟପଟେ ଗତ ସୋମବାର ସାଧାରଣ ବିଜ୍ଞାନ ଏବଂ ଗୁରୁବାର ଇଂଲିଶ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ହେଲେ ଏହାର ଫଳାଫଳ ଅନ୍‌ଲାଇନ୍‌ରେ ଏଣ୍ଟ୍ରି ହୋଇନାହିଁ। ଆସନ୍ତା ୪ତାରିଖରେ ସୋସିଆଲ୍ ଷ୍ଟଡିଜ୍, ୭ରେ ତୃତୀୟ ଭାଷା(ହିନ୍ଦୀ କିମ୍ବା ସଂସ୍କୃତ), ୧୧ରେ ଗଣିତ, ୧୫ରେ ଇଂଲିଶ, ୧୮ରେ ସାଧାରଣ ବିଜ୍ଞାନ, ୨୧ରେ ଓଡ଼ିଆ, ୨୫ରେ ସୋସିଆଲ୍ ଷ୍ଟଡିଜ୍, ୨୮ରେ ତୃତୀୟ ଭାଷା ପରୀକ୍ଷା ଅନୁଷ୍ଠିତ ହେବ।

#### ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ

### ୱାର୍ଡସ୍ତରରେ ସରିଲା ବିଜେଡି ପଦଯାତ୍ରା

**ବ୍ରହ୍ମପୁର ଅଫିସ,୩୧।୧୦**

ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଗୁରୁବାର ଶେଷ ହୋଇଛି। ଗୁରୁବାର ମହାନଗରର ୩୧, ୩୨, ୩୪ ଓ ୩୫ନଂ ୱାର୍ଡରେ ଦଳର ନେତା ଓ କର୍ମୀ ପଦଯାତ୍ରାରେ ଜନ ସମ୍ପର୍କ ସ୍ଥାପନ କରିଥିଲେ। ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା, ମମତା ପାତ୍ର, ବି. ଶ୍ରୀନିବାସ ରାଓ ଓ ରଶ୍ମିତା ପାତ୍ର ପଦଯାତ୍ରାର ନେତୃତ୍ୱ ନେଇଥିଲେ। ନବୀନ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ୱାର୍ଡବାସିନ୍ଦାଙ୍କୁ ସଚେତନ କରାଯାଇଥିଲା। ବିଜୁ ଜନତା ଦଳ ପ୍ରତି ସମର୍ଥନ ପାଇଁ ନିବେଦନ କରାଯାଇଥିଲା। ଶେଷରେ ଏହି ୪ ୱାର୍ଡ ପକ୍ଷରୁ ସନ୍ଧ୍ୟାରେ ପୁରୁଣା ମାଛ ମାର୍କେଟ ନିକଟରେ ସଭା ହୋଇଥିଲା। ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଧନଞ୍ଜୟ ରାଓ, ସଂଘମିତ୍ରା ଦଳାଇଙ୍କ ସମେତ ଅନ୍ୟମାନେ ଭାଷଣ ଦେଇଥିଲେ। ବିଜୟ ଚନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ମହାନଗରରେ ୪୦ ୱାର୍ଡ ମଧ୍ୟରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ୫ ଏବଂ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ୩୫ ୱାର୍ଡ ରହିଛି।

## ଘୁମୁସର ଜିଲା ଦାବିରେ ଓକିଲଙ୍କ ଆନ୍ଦୋଳନ



କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**ଭଞ୍ଜନଗର,୩୧।୧୦(ଡି.ଏନ.ଏ.)**

ଘୁମୁସର ଜିଲା ଘୋଷଣା, ବ୍ରହ୍ମପୁର ଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଏବଂ ବ୍ରହ୍ମପୁର ଭାୟା ଭଞ୍ଜନଗର ରେଢ଼ାଖୋଲ ରେଳଲାଇନ ଦାବିନେଇ ଭଞ୍ଜନଗର ବାର ଆସୋସିଏଶନ ପକ୍ଷରୁ ବୁଧବାର ଓ ଗୁରୁବାର ୨ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିଲା। ତେଣୁ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗ ନ ଦେଇ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବାର୍ ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ, ସମ୍ପାଦକ ଅଶୋକ ଜେନା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ଦାବିଗୁଡିକ ନେଇ ବାର୍ ଆସୋସିଏଶନ ପକ୍ଷରୁ ପ୍ରତ୍ୟେକ ମାସ ଶେଷ ୨ କାର୍ଯ୍ୟ ଦିବସରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ବିଗତ କିଛିବର୍ଷ ହେବ ଦିଆଯାଇଛି।

### କନିଷ୍ଠ ସହାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୩୧।୧୦**

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନିଗମ କନିଷ୍ଠ ସହାୟକ ଲଡ୍ଡୁ କିଶୋର ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କମିଶନର କନିଷ୍ଠ ସହାୟକ ମିଶ୍ରଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଟି ଇଞ୍ଜିନିୟର କେଦାର ଚନ୍ଦ୍ର ଖଟୁଆ, ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତ, ସହକାରୀ ନିର୍ବାହୀଯନ୍ତ୍ରୀ ଏମ୍. ନାଗେଶ୍ୱର ସୁବୁଦ୍ଧିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଏକତା ଦିବସ

**ଭଞ୍ଜନଗର,୩୧।୧୦(ଡି.ଏନ.ଏ.)**

ଭଞ୍ଜନଗରର ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକରେ ଗୁରୁବାର ରାଷ୍ଟ୍ରିୟ ଏକତା ଦିବସ ପାଳନ ହୋଇଛି। ଭଞ୍ଜନଗର ମୁଖ୍ୟ ଡାକଘରେ ଆୟୋଜିତ ଉତ୍ସବରେ ସମସ୍ତ କର୍ମଚାରୀ ଶପଥପାଠ କରିଥିଲେ। ପୋଷ୍ଟମାଷ୍ଟର ରାମନାଥ ଗୌଡ, ଡାକ କର୍ମଚାରୀ ନେତା ହରିକୃଷ୍ଣ ସାହୁ, ସହକାରୀ ପୋଷ୍ଟମାଷ୍ଟର ଗୀତାଞ୍ଜଳି ମହାରଣା, ରାମଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ରାଓ, ରମାକାନ୍ତ ଶତପଥୀ, ସୀମାଞ୍ଚଳ ଦାସ, ରଞ୍ଜନ ମହାରଣା ପ୍ରମୁଖ ଆଲୋଚନାରେ ଭାଗନେଇ ଏକତା ଦିବସ ସମ୍ପର୍କରେ କହିଥିଲେ। ସେହିଭଳି ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ଓ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି।



ଡାକ ବିଭାଗ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

#### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

## ଛାତରୁ ପାଣି ଗଳୁଥିବାରୁ ଆସିଲାନି ୧୦୮

**ଭଞ୍ଜନଗର,୩୧।୧୦(ଡି.ଏନ.ଏ)**

ଭଞ୍ଜନଗର ଜଗନ୍ନାଥପ୍ରସାଦ ମୁଖ୍ୟରାସ୍ତାର ଲୁଣିଖୋଳା ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଅଲାଡିର ବନ ବିଷୋୟୀ ଓ ତାଙ୍କର ଜଣେ ସହଯୋଗୀ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ବେଲଗୁଣ୍ଠା ପରେ ଭଞ୍ଜନଗର ମେଡିକାଲକୁ ନିଆଯାଇଥିଲା। ବନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଖବରପାଇ ପରିବାର ଲୋକେ ମେଡିକାଲରେ ପହଞ୍ଚି ୧୦୮ ଆମ୍ବୁଲାନ୍ସର ସହାୟତା ଲୋଡିଥିଲେ। କିନ୍ତୁ ଆମ୍ବୁଲାନ୍ସରେ ପାଣି ଗଳୁଥିବା ଯୋଗୁ ଆସି ନ ଥିଲା। ଏହାପରେ ବିଧାୟକ ହାତପାଣ୍ଠିରୁ ଥିବା ଆମ୍ବୁଲାନ୍ସ ଯୋଗେ ବନଙ୍କୁ ବ୍ରହ୍ମପୁର ନେବାକୁ ମେଡିକାଲ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ୬ଟାରେ ଆମ୍ବୁଲାନ୍ସ ପାଖକୁ ନେବାବେଳକୁ ବନଙ୍କର ମୃତ୍ୟୁ ଘଟିଥିଲା ବୋଲି ତାଙ୍କ ସମ୍ପର୍କୀୟ ସୂଚନା ଦେଇଛନ୍ତି। ପ୍ରକାଶଯେ ବନ ଓ ତାଙ୍କ ସହଯୋଗୀ ଏକ ବାଇକ୍ ଯୋଗେ ଗୁରୁବାର ଅପରାହ୍ନରେ ବେଲଗୁଣ୍ଠା ଅଭିମୁଖେ ଆସୁଥିବାବେଳେ ଚକା ସ୍ଲିପ୍ କରିଯିବାରୁ ଦୁର୍ଘଟଣା ଘଟିଥିଲା। ୧୦୮ ଆମ୍ବୁଲାନ୍ସ ଗୁଡିକର ଆବଶ୍ୟକ ମରାମତି କରାଯାଉନାହିଁ। ତେଣୁ ଏହିଭଳି ବାରମ୍ବାର ସମସ୍ୟା ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ସୁନାପୁର ବେଳାଭୂମି ସଫାକଲେ ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ,୩୧।୧୦**

ଓଡ଼ିଶାର ସାମୁଦ୍ରିକ ବେଳାଭୂମି ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ସେପ୍ଟେମ୍ବର ୨୧ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମୁଦ୍ର ତଟ ପରିମଳ ଦିବସ ଅବସରରେ ଜାତୀୟ ତଟୀୟ ଗବେଷଣା କେନ୍ଦ୍ର ପକ୍ଷରୁ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ ଓଡ଼ିଶାର ଗୋପାଳପୁର ବେଳାଭୂମି ଉପକୂଳ ସବୁଠାରୁ ଅଧିକ ପ୍ରଦୂଷଣ ହୋଇଥିବା ଦର୍ଶାଯାଇଥିଲା। ଗଞ୍ଜାମ ସାମୁଦ୍ରିକ ବେଳାଭୂମିକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକ ମୁକ୍ତ ରଖିବା ଦିଗରେ ସଚେତନତା ସୃଷ୍ଟି ନେଇ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେଶନ ବିଭାଗ ଚତୁର୍ଥ ବର୍ଷ ଛାତ୍ରୀ ତଥା ମନାଲି ସାହୁଙ୍କ ନେତୃତ୍ୱରେ ବିଭାଗର ଛାତ୍ରୀଛାତ୍ରମାନେ ସୁନାପୁର ବେଳାଭୂମିରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବେଳାଭୂମିକୁ ସଫା କରିବା ସହ ପ୍ଲାଷ୍ଟିକ ବର୍ଜନ ଦିଗରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ଏହାପରେ ବିଭାଗର ଛାତ୍ରୀଛାତ୍ରମାନେ ଲୋଚାପଡାସ୍ଥିତ ଜରାଶ୍ରମର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଏଥିରେ ବିଭାଗର ପ୍ରାୟ ୩୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ବାସ୍କେଟବଲ୍ ଦଳର ବାରାଣସୀ ଗସ୍ତ

**ବ୍ରହ୍ମପୁର ଅଫିସ୍,୩୧।୧୦**

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ବାସ୍କେଟବଲ୍ ପ୍ରତିଯୋଗିତା ଉତ୍ତରପ୍ରଦେଶର ବାରାଣସୀରେ ଆସନ୍ତା ୨ରୁ ୬ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ଭାଗନେବା ପାଇଁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ବାସ୍କେଟବଲ୍ ଦଳ ବାରାଣସୀ ଗସ୍ତ କରିଛନ୍ତି। ଏହି ଦଳରେ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜଗନ୍ନାଥ ମହାପାତ୍ର, ସୁଦୀପ କୁମାର ସାହୁ, ଅବିନାଶ ସାହୁ, ଅଶ୍ୱିନ କୁମାର ମହାନ୍ତି, କିରଣ କୁମାର ବେହେରା, ସୁମିତ ରାଉତରା, କୋଚ୍ଚା ଶ୍ରବଣ, ଅପୟା ରାଇତୋ ଏବଂ ପି.ସୂର୍ଯ୍ୟାଭେଙ୍କଟ ଓ ଗୋପାଳପୁର ମହାବିଦ୍ୟାଳୟର ତୁଷାର କୁମାର ପାତ୍ର, ରୁଦ୍ର ନାରାୟଣ ଦାସ ଓ ସୁନିଲ କୁମାର ନାୟକ ସାମିଲ ଅଛନ୍ତି। ମ୍ୟାନେଜର୍ ଭାବେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ସନ୍ତୋଷ କୁମାର ବେହେରା, କୋଚ୍ ନବକିଶୋର ପ୍ରଧାନ ଦଳ ସହ ଯାତ୍ରା କରିଛନ୍ତି। କ୍ରୀଡ଼ା ପରିଷଦ ସମ୍ପାଦକ ଡ. ମନୋଜ କୁମାର ପଣ୍ଡା, ସହସମ୍ପାଦକ ମହେନ୍ଦ୍ର କୁମାର ବେହେରା, ମୃତ୍ୟୁଞ୍ଜୟ ସେଠୀ ଓ ନେହା ପାଣ୍ଡେ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



#### ସଚେତନତା ସତର୍କତା ସପ୍ତାହ ପାଳନ

## ଦୁର୍ନୀତି ମୂଳୋତ୍ପାଟନ ପାଇଁ ଶପଥ ନେଲେ

**ବ୍ରହ୍ମପୁର ଅଫିସ୍,୩୧।୧୦**

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ସତର୍କତା ସଚେତନତା ସପ୍ତାହ-୨୦୧୯ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ସଚେତନ ଶପଥ ପାଠ କରାଇଥିଲେ। ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ଉନ୍ନତିରେ ଦୁର୍ନୀତି ବାଧକ ସାଜିଛି। ତେଣୁ ସମାଜର ପ୍ରତ୍ୟେକ ବର୍ଗ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆଗେଇ ଆସିବା ଉଚିତ ବୋଲି ଡିଆଇଜି ଭୋଇ କହିଛନ୍ତି। ସାଧୁତା, ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ହିଁ କର୍ମର ମୂଳମନ୍ତ୍ର ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ (ବ୍ରହ୍ମପୁର) ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ କହିଥିଲେ, ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସରକାର, ନାଗରିକ, ଘରୋଇ କ୍ଷେତ୍ର ଐକ୍ୟବଦ୍ଧ ଭାବେ କାର୍ଯ୍ୟ କରିବା ଉଚିତ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ରାଜ୍ୟ ସରକାରଙ୍କ ୫-ଟି ଆଧାରରେ କାର୍ଯ୍ୟ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିବା ବେଳେ ଏହାକୁ ପାଳନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ସାଧୁତା, ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ହିଁ କର୍ମର ମୂଳ ମନ୍ତ୍ର ବୋଲି ସେ କହିଛନ୍ତି। ଚଳିତ ମାସ ୨୮ ତାରିଖରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ଏଏସ୍‌ପି ଶାନ୍ତନୁ ପାଢ଼ୀ, ରୋଟାରି କ୍ଲବ ସଭାପତି ମହେଶ ଜେନା ଉପସ୍ଥିତ ଥିଲେ। ଭିଜିଲାନ୍ସ ସଚେତନତା ସପ୍ତାହ ପାଇଁ ପୂର୍ବରୁ ସ୍କୁଲ ଓ କଲେଜରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଗୁରୁବାର ସକାଳେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ପୌର ଉଚ୍ଚ ବିଦ୍ୟାଳୟରୁ ସଚେତନତା ବାର୍ତ୍ତା ନେଇ ଏକ ରାଲି ବାହାରି ମେଡିକାଲ ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଯାଇଥିଲା।




ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ଝାଡ଼ାବାନ୍ତି ଆକ୍ରାନ୍ତ ଗାଁରେ ଡାକ୍ତରୀ ଟିମ୍

**କୁକୁଡାଖଣ୍ଡି,୩୧।୧୦(ଡି.ଏନ.ଏ.):** ହୁଗୁଲାପଟା ଲକ୍ଷ୍ମୀନୃସିଂହ ମନ୍ଦିର ସାହିରେ କିଛିଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ଗୁରୁବାର ବ୍ରହ୍ମପୁର ସିଟି ହସ୍ପିଟାଲର ଡା. ଅବନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଡା. ସାବିତ୍ରୀ ରାଉତ, ମାଇକ୍ରୋବାୟୋଲୋଜିଷ୍ଟ ପଲ୍ଲବୀ ପତି, ସୁପରଭାଇଜର ସୁରେନ୍ଦ୍ର ବେହେରା, ରାଜେନ୍ଦ୍ର ନାୟକ ଘରକୁ ଘର ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କୁ ସଚେତନ କରାଇଥିଲେ। ସାହିବାସିନ୍ଦାଙ୍କୁ ଓଆରଏସ ବଣ୍ଟନ କରାଯାଇଥିବା ବେଳେ କେତେଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସାହିରେ ୮ ପରିବାରର ଲୋକ ୩ ଦିନ ହେଲା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। କିଛି ଲୋକ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଥିବା ବେଳେ ଏବେ ବି ସେଠାରେ ୫ ଜଣ ଚିକିତ୍ସାଧୀନ ଅଛନ୍ତି। ଗ୍ରାମରେ ଆଶା, ଅଙ୍ଗନୱାଡି କର୍ମୀ, ଏଏନଏମ ଗୀତାଞ୍ଜଳି ସତପଥି, ପ୍ରମିଳା କୁମାରୀ ଦାସ, ସରପଞ୍ଚ ପ୍ରଦୀପ ମଲାଣ ପ୍ରମୁଖ ଖୋଲାରେ ମଳତ୍ୟାଗ ନ କରିବାକୁ ସଚେତନ କରୁଛନ୍ତି।

### ଜାତୀୟ ଏକତା ଦିବସ ପାଳିତ

**ହିଞ୍ଜିଳିକାଟୁ,୩୧।୧୦(ଡି.ଏନ୍.ଏ.):** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଗୁରୁବାର ଶାସନଆମ୍ବଗାଁ ଆଦର୍ଶ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରିଥିଲେ। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଲୌହ ମାନବଙ୍କ ସ୍ମୃତିଚାରଣ କରାଯିବା ସହ ଦେଶ ପାଇଁ ତାଙ୍କର ଥିବା ଭୂମିକା ନେଇ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଅଧକ୍ଷ ଅରୁଣ ପଟେଲ, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସାହୁ, ମଙ୍ଗରାଜ ମଲିକ, ସରସୀ ଦାଶ ପ୍ରମୁଖ ପଟେଲଙ୍କ ଜୀବନାଦର୍ଶ ଉପରେ ମତ ରଖିଥିଲେ।

### ନାଗ ଚତୁର୍ଥୀ ପାଳିତ

**ଆସିକା,୩୧।୧୦(ଡି.ଏନ୍.ଏ):** ଆସିକା ସହର ତଥା ଗ୍ରାମାଞ୍ଚଳରେ ଗୁରୁବାର ନାଗ ଚତୁର୍ଥୀ ପାଳନ କରାଯାଇଛି। ମାନସିକଧାରୀମାନେ ଉପବାସ ରହି ବିଭିନ୍ନ ସ୍ଥାନରେ ଉଇହୁଙ୍କା ନିକଟରେ ପୂଜାର୍ଚ୍ଚନା କରିଥିଲେ। ଉଇ ହୁଙ୍କା ନିକଟରେ ଦୁଗ୍ଧ, ଅଣ୍ଡା, ମିଷ୍ଟାର୍ଣ୍ଣ ଓ ଫଳ ନାଗ ଦେବତାଙ୍କୁ ସମର୍ପଣ କରିଥିଲେ। ଆସିକା ଏନଏସି ସିନେମାଲ ହଲ ନିକଟସ୍ଥ ହନୁମାନ ମନ୍ଦିର, ହାଟପଦାସ୍ଥିତ ପାର୍କ, ସୁନାମ୍ବ ସାହି ଦଣ୍ଡକାଳି ମନ୍ଦିର, ସୁବର୍ଣ୍ଣେଶ୍ୱର ମନ୍ଦିର ଆଦି ସ୍ଥାନରେ ଥିବା ଉଇହୁଙ୍କା ନିକଟରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର

**ଗଞ୍ଜାମ,୩୧।୧୦(ଡି.ଏନ.ଏ.)**

ଗଞ୍ଜାମ ସହରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘମାସ ହେବ ଡାକ୍ତର ନ ଥିବାରୁ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି। ଏଠାରେ ନିୟମିତ ଡାକ୍ତର ନିଯୁକ୍ତି ପାଇଁ ସହରବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଗଞ୍ଜାମ ବ୍ଲକ ଓ ଏନ୍ଏସି ସମେତ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ ଆଦି ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ପୁରୁଣା ୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହେତୁ ଅଧିକାଂଶ ରୋଗୀ ପ୍ରାଥମିକ ଚିକିତ୍ସା ଲାଗି ଏଠାକୁ ଆସିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଡେଲିଭେରୀ ପଏଣ୍ଟ ହୋଇଥିବା ଯୋଗୁ ଅଞ୍ଚଳ ତଥା ଦୂରଦୂରାନ୍ତରୁ ଦୈନନ୍ଦିନ ୧୦ ରୁ ୧୨ ଗର୍ଭବତୀ ଏବଂ ଶହେରୁ ଉର୍ଦ୍ଧ୍ୱ ରୋଗୀ ଆସିଥାନ୍ତି। କିନ୍ତୁ ଡାକ୍ତର ନ ଥିବାରୁ ବହୁ ଗରିବ ଜନସାଧାରଣ ଛତ୍ରପୁର କିମ୍ବା ବ୍ରହ୍ମପୁର ମେଡିକାଲ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ଦିନରାତି ରୋଗୀସେବା କରୁଛନ୍ତି । ଏ ସମ୍ପର୍କରେ ଫାର୍ମାସିଷ୍ଟ ଶ୍ରୀମୟ ରଥ କହିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ



ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର।

ଡାକ୍ତର ସହ ଅନ୍ୟାନ୍ୟ ପଦବୀ ମଧ୍ୟ ଖାଲି ପଡ଼ିଛି। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଯାଇଛି ବୋଲି ଆୟୁଷ ଡାକ୍ତର ବନୋଜ କାନ୍ତ କର କହିଛନ୍ତି ।

# ଯୋଗାଣ ସହାୟକଙ୍କୁ ମାଡ଼ ଅଭିଯୋଗ

**କୁକୁଡାଖଣ୍ଡି,୩୧।୧୦(ଡି.ଏନ.ଏ.)**

କୁକୁଡାଖଣ୍ଡି ବ୍ଲକ କଙ୍କିଆ ପଞ୍ଚାୟତର ଯୋଗାଣ ସହାୟକଙ୍କୁ ଗ୍ରାମର ଏକ ପରିବାର ଆକ୍ରମଣ କରିଥିବା ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, କଙ୍କିଆ ପଞ୍ଚାୟତର ଯୋଗାଣ ସହାୟକ ସୁମିତ୍ରା ନାହାକ ଗୁରବାର ପଞ୍ଚାୟତ କାର୍ଯ୍ୟାଳୟଠାରେ ଚାଉଳ ବାଣ୍ଟୁଥିଲେ। ଗ୍ରାମର ମମତା ନାୟକ ଚାଉଳ ନେବାକୁ ଆସିଥିଲେ। କିନ୍ତୁ ଧାଡିରେ ନଛିଡା ହୋଇ ଚାଉଳ ନେବାକୁ ଅଡି ବସିଥିଲେ। ଉପସ୍ଥିତ ଲୋକେ ବୁଝାସୁଝା କରିବାପରେ ଧାଡିରେ ରହି ଚାଉଳ ନେଇଥିଲେ। ପୁଣି କିଛି ସମୟ ପରେ ମମତା ପରିବାର ଲୋକଙ୍କ ସହ ଆସି ଯୋଗାଣ ସହାୟକଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରି କାନଫୁଲ, ମଙ୍ଗଳସୂତ୍ର ଛିଡାଇ ନେଇଥିବା ସେ ଅଭିଯୋଗ କରିଛନ୍ତି। ଯୋଗାଣ ସହାୟକ ଏନେଇ କୁକୁଡାଖଣ୍ଡି ବିଡିଓଙ୍କୁ ଜଣାଇବା ପରେ ବିଡିଓ ଗଦାଧର ପାତ୍ର, ଯୋଗାଣ ଅଧିକାରୀ ଏମ. ପ୍ରଶାନ୍ତ ରାଓ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନକରି ଗୋଳନ୍ଥରା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିଥିଲା।

ଗୋଳନ୍ଥରା ଥାନାରେ ଉଭୟ ପକ୍ଷରୁ ଏତଲା ହୋଇଛି। ମମତା ନାୟକଙ୍କ ଅଭିଯୋଗକ୍ରମେ ନଂ.୨୭୬/୧୯ ଓ ଯୋଗାଣ ଅଧିକାରୀଙ୍କ ଅଭିଯୋଗକ୍ରମେ ନଂ.୨୭୭/୧୯ରେ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ଗୋଳନ୍ଥରା ଥାନା ଅଧିକାରୀ ବାବୁଲି ନାୟକ ସୂଚନା ଦେଇଛନ୍ତି।

# ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା

**ଦିଗପହଣ୍ଡି,୩୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମ୍‌କୋଇ ଗ୍ରାମରେ ମଙ୍ଗଳବାର ଭାଜପା ମଣ୍ଡଳ କମିଟି ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ଗଞ୍ଜାମ ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ବାପି ପ୍ରଧାନଙ୍କ ସଂଯୋଜନାରେ କରିଥିବା ବେଳେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ପିଙ୍କି ପ୍ରଧାନ, ଅନନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆୟୋଜିତ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିବୃନ୍ଦ ଉଦ୍‌ବୋଧନ ଦେଇଥିଲେ। ପରେ ଗାଁର ବିଭିନ୍ନ ସାହିରେ ସମୂହ ସଫେଇ କରାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ଟୁନା ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ, ସୁରେନ୍ଦ୍ର ସେଠୀ, ଲକ୍ଷ୍ମୀ ପ୍ରଧାନ, ଗାୟତ୍ରୀ ପାଠି, ସୁଶାନ୍ତ ପ୍ରଧାନ, ଡି.ନରସିଂହଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# ନଗର କଂଗ୍ରେସ କମିଟି ପକ୍ଷରୁ ଇନ୍ଦିରାଙ୍କୁ ଶ୍ରଦ୍ଧାଞ୍ଜଳି

**ଦିଗପହଣ୍ଡି,୩୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି ନଗର କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଇନ୍ଦିରାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ବହୁସଂଖ୍ୟକ କର୍ମୀ ଏକତ୍ରିତ ହୋଇ ତାଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗଞ୍ଜାମ ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ଯୁବ କଂଗ୍ରେସ ଦିଗପହଣ୍ଡି ଜୋନାଲ ସଭାପତି ଦୀପକ କୁମାର ମିଶ୍ର, କେ. କୁନା, ନୀଳକଣ୍ଠ ପଟ୍ଟନାୟକ, ପ୍ରଶାନ୍ତ ପାଣିଗ୍ରାହୀ, ଜିତୁ ବେହେରା, ଭଗବାନ ସ୍ୱାଇଁ, ଡମ୍ବରୁଧର ବେହେରା, ଶିବ ସାହୁ, ଶଙ୍କର ରାଓଙ୍କ ସମେତ ବହୁସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ। ପରେ ଦଳୀୟ ନେତୃବୃନ୍ଦ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଉପସ୍ଥିତ ରୋଗୀମାନଙ୍କୁ ବିଭିନ୍ନ ଫଳ ବଣ୍ଟନ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଆଇନ ସଚେତନତା ସଭା



ସଭାରେ ମାଜିଷ୍ଟ୍ରେଟଙ୍କ ଉଦ୍‌ବୋଧନ।

**ଦିଗପହଣ୍ଡି,୩୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଗୁରୁବାର ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଅନୁଷ୍ଠିତ ଏହି ସଭାରେ ଦିଗପହଣ୍ଡି କୋର୍ଟ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଖେମୁଣ୍ଡି ଓକିଲ ସଂଘର ସଭାପତି ରସାନନ୍ଦ ରାଉତ, ସମ୍ପାଦକ ହରପ୍ରସାଦ ରଥ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ବଳରାମ ମହାନ୍ତି, ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଙ୍ଗନୱାଡି ସୁପରଭାଇଜର କନକଲତା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଶିଶୁମାନଙ୍କ ପାଇଁ ରହିଥିବା ବିଭିନ୍ନ ଅଧିକାର, ଶିଶୁ ସୁରକ୍ଷା ଆଇନ, ଜୁଭେନାଇଲ ଜଷ୍ଟିସ ଆକ୍ଟ, ସୂଚନା ଓ ପ୍ରଯୁକ୍ତି ଆଇନ ଏବଂ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ରହିଥିବା ମୁକ୍ତ ଆଇନ ସହାୟତା ବ୍ୟବସ୍ଥା ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଆଇନ ସେବା କମିଟି ସମ୍ପାଦକ କିଶୋର ଚନ୍ଦ୍ର ଗନ୍ତାୟତ ଏବଂ ବିଚାର ବିଭାଗୀୟ କର୍ମଚାରୀ କାଳିଆ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଦ୍ମନାଭପୁରରେ କ୍ଷମତା ଏକ୍ସପ୍ରେସ ଶିବିର



ଶିବିରରେ ଉପସ୍ଥିତ ଅତିଥି, ଚିକିତ୍ସାଧିକାରୀ ଓ ପଦାଧିକାରୀ ବୃନ୍ଦ।

**ଦିଗପହଣ୍ଡି,୩୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କ୍ଷମତା ଏକ୍ସପ୍ରେସ ଶିବିର ଅନୁଷ୍ଠିତ ହୋଇଯାଇଛି। ଇନଷ୍ଟିଚ୍ୟୁଟ ଅଫ ହେଲଥ ସାଇନ୍ସ, ଭୁବନେଶ୍ୱର ଶାଖା ତରଫରୁ ଆୟୋଜିତ ଶିବିରକୁ ବ୍ଲକ ଉନ୍ନୟନ ଅଧିକାରୀ ହଳଧର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଫେସର ସତ୍ୟନାରାୟଣ ମହାପାତ୍ର ଓ ଡ.ନଳିନୀ ବାଳା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡ.ରାଜେଶ କୁମାର ସାହୁ, ଡ.ଦେବାଶିଷ ବେହେରା, ଡ.ମାନସ ସାମନ୍ତରାୟ, ଡ.ଜଗଦୀଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, କିନ୍ନର, ଅସହାୟ ବୃଦ୍ଧା ବୃଦ୍ଧ, ନିରାଶ୍ରୟୀ ମହିଳା, ନାଁମ ପଞ୍ଜୀକରଣ କରାଯାଇ ମାଗଣାରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଶିବିରରେ ପ୍ରାୟ ୪୨୦ ଜଣ ନାମ ପଞ୍ଜୀକରଣ ହୋଇଥିଲା। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟକୁ ପଠାଇବା ପାଇଁ ଚିହ୍ନଟ କାର୍ଯ୍ୟ କରାଯାଇଥିଲା। ପଦ୍ମନାଭପୁର ସରପଞ୍ଚ ବି.କ୍ରିଷ୍ଣାରାଓ ସୁବୁଦ୍ଧି, ସମିତିସଭ୍ୟ ସୁଶାନ୍ତ କୁମାର ସେଠୀ, ଗଞ୍ଜାମ ଜିଲା ସାମାଜିକ ସଶକ୍ତୀକରଣ କାର୍ଯ୍ୟାଳୟ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଟ୍ଟା ପାଇଁ ତହସିଲଦାରଙ୍କୁ ସ୍ମାରକପତ୍ର

**ପାଟପୁର,୩୧।୧୦(ଡି.ଏନ୍.ଏ.)**

ସାନଖେମୁଣ୍ଡି ତହସିଲ ଆମ୍ବଗାଁ ପଞ୍ଚାୟତ ଶୁଣ୍ଡିପଲ୍ଲୀ ଅନୁସୂଚିତ ଜାତି ସାହି ବାସିନ୍ଦାମାନେ ଗ୍ରାମକଣ୍ଠ ଘରପଟ୍ଟା ଦାବିରେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗୁରୁବାର ସାହିର ପାଣ୍ଡବ ନାଇକ, ଅର୍ଜୁନ ନାଇକ, ମଥୁରା ନାଇକ, ଉତ୍ସବ ନାଇକ, ପ୍ରହଲ୍ଲାଦ ନାଇକ ପ୍ରମୁଖ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଅମିତ କୁମାର ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଘରପଟ୍ଟା ନ ଥିବାରୁ ସେମାନଙ୍କ ପିଲାମାନଙ୍କୁ ବିଭିନ୍ନ ଜାତିଗତ, ସ୍ଥାୟୀ ବାସିନ୍ଦା, ଆୟ ପ୍ରମାଣ ପତ୍ର ଯୋଗାଡରେ ସମସ୍ୟା ଏବଂ ଜମିହୀନ ଦଳିତ ପରିବାରମାନେ ପୂର୍ବରୁ ତହସିଲ ପକ୍ଷରୁ ଜବରଦଖଲ ନୋଟିସ ହୋଇଥିଲା ବୋଲି ପ୍ରକାଶ କରିବା ସହ ପିଲାମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ଗ୍ରାମକଣ୍ଠ ଘରପଟ୍ଟା ପ୍ରଦାନ କରିବା ପାଇଁ ତହସିଲଦାରଙ୍କୁ ଗୁହାରୀ କରିଥିଲେ। ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଥିଲେ।

# ଆନ୍ତଃ ମହାବିଦ୍ୟାଳୟ ବାଳିକା ଖୋ-ଖୋ ପ୍ରତିଯୋଗିତାରେ ନବରଙ୍ଗପୁର ଚାମ୍ପିୟନ


ଅତିଥିଙ୍କ ଦ୍ୱାରା ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

**ପାଟପୁର,୩୧।୧୦(ଡି.ଏନ.ଏ.)**

ସାନଖେମୁଣ୍ଡି ଅନ୍ତର୍ଗତ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ପାଟପୁର ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ବାଳିକା ଖୋ ଖୋ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ୮ଟି କଲେଜ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ କଳିଙ୍ଗ ମହାବିଦ୍ୟାଳୟ ଜି.ଉଦୟଗିରି ଏବଂ କେନ୍ଦୁପଦର ମହାବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। କଳିଙ୍ଗ ମହାବିଦ୍ୟାଳୟ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ପଞ୍ଚାୟତ କଲେଜ ଫିରିଙ୍ଗିଆ ଏବଂ ନବରଙ୍ଗପୁର ମହାବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ନବରଙ୍ଗପୁର ମହାବିଦ୍ୟାଳୟ ବିଜୟୀ ହୋଇଥିଲା। ଫାଇନାଲ ଖେଳରେ ନବରଙ୍ଗପୁର ମହାବିଦ୍ୟାଳୟ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭଞ୍ଜବିହାର କ୍ରୀଡା ପରିଷଦ ସମ୍ପାଦିକା ପୁଷ୍ପାଳି ସାମନ୍ତରା ଓ ସାନଖେମୁଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀଦତ୍ତ ନାୟକ ଓ ପିଇଓ ରବି କୁମାର ମିଶ୍ର ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ବ୍ରହ୍ମା ବିଜୟୀ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ମାଧବ ଖୁଣ୍ଟିଆ, କେ.ନାନୁବାବୁ ଦୋରା, ଦାମୋଦର ରାଉତ, ସୁଧାକର ବିଷୋୟୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପାଟପୁର କଲେଜର କ୍ରୀଡା ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଆସିକା,୩୧।୧୦(ଡି.ଏନ୍.ଏ)**

ଆସିକା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ସ୍ଥାନୀୟ ହରିହର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗୋଷ୍ଠୀ ଶିକ୍ଷାଧିକାରୀ କୃତିବାସ ବାରିକ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେମାନେ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ୧୩ କ୍ଲଷ୍ଟରର ୧୮୦ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ୧୮୦ ପ୍ରତିଯୋଗୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ବକ୍ତୃତା, ତର୍କ, କୁଇଜ, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ହୋଇଥିଲା। ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଭାଗୀରଥି ପାତ୍ର ଓ ସିଆରସିସି ସରୋଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏବିଇଓ ବାଳା ମାଝୀଙ୍କ ସଂଯୋଜନାରେ ସ୍ଥାନୀୟ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଡ଼ିଓ ହଳଧର ଶବର, ଆଇନଜୀବୀ ହରପ୍ରସାଦ ରଥ, ଏବିଇଓ ରସାନନ୍ଦ ଘଡ଼େଇ, ବିଶ୍ରବା ପାଇକ, ପ୍ରଧାନଶିକ୍ଷକ ଶିଶିର କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଗି ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିଶୁଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସୁରଭି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ବ୍ଲକ ଅଧୀନସ୍ଥ ୧୬ଟି କ୍ଲଷ୍ଟରରୁ ପ୍ରାୟ ୩୨୦ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଦୁଇଜଣ ଭିନ୍ନକ୍ଷମ ଛାତ୍ରଙ୍କୁ ହୁଇଲ ସାଇକେଲ ବିଆରଟି ସୁଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଦିଆଯାଇଥିଲା। ସମସ୍ତ ସିଆରସିସି, ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ଥାନୀୟ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସିଆରସିସି ନୃସିଂହ ପ୍ରସାଦ ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବେଗୁନିଆପଡା:** ବେଗୁନିଆପଡା ବ୍ଲକରେ ଗୋଷ୍ଠୀ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ଗୁରୁବାର ଜନତା ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା, ବିଡିଓ ପ୍ରଦୀପ କୁମାର ପଣ୍ଡା, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ବିଇଓ କମଳାକାନ୍ତ ସାହୁ, ଏବିଇଓ ରବି ନାରାୟଣ ମିଶ୍ର, ସୁଷମା ଶବର, ଜନତା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କେ. ଭୀମରାଜୁ ପାତ୍ର ଯୋଗଦେଇ 'ସୁରଭି'ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୧୨ଟି କ୍ଲଷ୍ଟରରୁ ପ୍ରତ୍ୟେକ ପ୍ରତିଯୋଗିତା ପାଇଁ ୧୨ଟି ଗ୍ରୁପ ଯୋଗ ଦେଇଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିରେ ସମସ୍ତ ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗଞ୍ଜାମ:** ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିଆରସିସି ବିପ୍ର ଚରଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଘଡେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ତହସିଲଦାର ଅବନି କୁମାର ସାହୁ, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଆରସିସି ବିଜୟ ଚନ୍ଦ୍ର ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ନେପାକ, ଭାରତୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କବିରାଜ ଦାସ, ବାଳକୃଷ୍ଣ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଅପରାହ୍ଣରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ଶୈକ୍ଷିକ ସଂଯୋଜକ ଡ. ସନ୍ତୋଷ କୁମାର ପଣ୍ଡା ମୁଖ୍ୟଅତିଥି, ଏସ୍‌ବିଆଇ ଶାଖା ପରିଚାଳକ ମହେନ୍ଦ୍ର ବାଗ୍‌ଚି ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପୁଇଁତୋଳା କ୍ଲଷ୍ଟର ସିଆରସିସି ମହେଶ କୁମାର ବେହେରା ଓ ହୁମ୍ମା କ୍ଲଷ୍ଟର ସିଆରସିସି ଦାମୋଦର ପଣ୍ଡା, ନୂଆପଲି କ୍ଲଷ୍ଟରର ପ୍ରକାଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କନିଷି:** ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସି ଏଚ୍ ଉଷାରାଣୀ, ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାଶ, ୫୪ନଂ ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ଦଳେଇ, ତୁରା ନ୍ୟାଶନାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମକ୍ରିଷ୍ଣା ରାଓ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତି ମହାପାତ୍ର, ବାଲାଜୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବାଲାଜୀ ବିଦ୍ୟାପୀଠର ବାବୁନି ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବଙ୍ଗଡଦୁଆ ଘାଟିରେ ଦୁର୍ଘଟଣା, ଜଣେ ମୃତ

**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୩୧।୧୦(ଡି.ଏନ୍.ଏ.):** ବଙ୍ଗଡଦୁଆ ଘାଟିରେ ସୋମବାର ଅପରାହ୍ନରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିଲା। ବୁଧବାର ସନ୍ଧ୍ୟାରେ ସେମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ର ମଲ୍ଲିକ ଓ ରାମଚନ୍ଦ୍ର ଉଠାଣସିଂଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ପୂର୍ତ୍ତବିଭାଗର ଅବହେଳେ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଲଟାବୁଦା ରାସ୍ତା ଉପରକୁ ମାଡି ଆସିଛି। ଫଳରେ ବୁଲାଣିରେ ରାସ୍ତା ଦେଖାଯାଉନାହିଁ। ଏନେଇ ବ୍ରାହ୍ମଣୀଗାଁ ପୂର୍ତ୍ତବିଭାଗ ଯନ୍ତ୍ରୀ ଜୟନ୍ତ କୁମାର ପତିଙ୍କୁ ପଚାରିବାରୁ, ବର୍ତ୍ତମାନ ବୁଦା ସଫା କରିବା ଓ ବ୍ରାହ୍ମଣୀଗାଁରୁ ଦାରିଙ୍ଗବାଡି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ମାସେ ମଧ୍ୟରେ କାମ ଆରମ୍ଭ ହେବ।

### ମହୁଲି ମଦ ଜବତ, ମହିଳା ଗିରଫ

**ଜି.ଉଦୟଗିରି,୩୧।୧୦(ଡି.ଏନ.ଏ.):** ଜି.ଉଦୟଗିରି ପୋଲିସ ବୁଧବାର ଜଡ଼ାଙ୍ଗବାଲିରେ ଥିବା ଏକ ଜଙ୍ଗଲ ଘର ପଛପଟୁ ୧୦ ଲିଟର ମହୁଲି ମଦ ଜବତ କରିଛି। ମଦ ରଖିଥିବା ଯୋଗୁ ଜଣେ ମହିଳାଙ୍କୁ ଗିରଫ କରିଛି। ପୋଲିସ ନଂ ୧୧୮/୧୯ରେ ମକଦ୍ଦମା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଜି.ଉଦୟଗିରି ପୋଲିସ ଏସ୍ଆଇ କୌଶଲ୍ୟା ବେହେରା କହିଛନ୍ତି।

### କ.ନୂଆଗାଁରେ ଭାଗବତ ସପ୍ତାହ

**କ.ନୂଆଗାଁ,୩୧।୧୦:** କ.ନୂଆଗାଁର ପାତ୍ର କଲୋନୀସ୍ଥିତ ଦିବ୍ୟ ଜୀବନ ସଂଘ ପରିସରରେ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି। ଅଧିବାସ ଦିନ ସ୍ଥାନୀୟ କାଳୀପେନୁ ନଦୀରୁ ଗଙ୍ଗା ଆବାହନ କରାଯାଇ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ପାରାୟଣ କାର୍ଯ୍ୟକ୍ରମ ହେଉଥିବାବେଳେ ସନ୍ଧ୍ୟା ୬ଟାରୁ ୧୦ଟା ଯାଏ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୪ ତାରିଖରେ ଏହା ଉଦ୍‌ଯାପିତ ହେବ। ଶ୍ୟାମଘନ ସାହୁ ପାରାୟଣ କରୁଥିବାବେଳେ ପ୍ରବଚକ ଭାବେ ଓଡ଼ଗାଁ କୁରାଳସ୍ଥିତ ଦଧିବାମନଜୀ ମହାରାଜ ପ୍ରବଚନ ଦେଉଛନ୍ତି। କର୍ତ୍ତା ଭାବେ ବିକ୍ରମ ବିଶିମାଝୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହାକୁ ଭାଗବତ ପାରାୟଣ ଓ ପ୍ରବଚନ ପରିଚାଳନା କମିଟିର ସୁକାନ୍ତ କୁମାର ମହାପାତ୍ର, ରଞ୍ଜିତ କୁମାର ମାଝୀ, ପିଣ୍ଟୁ ପ୍ରଧାନ, ଧବଳେଶ୍ୱର ପାତ୍ରଙ୍କ ସମେତ ଦିବ୍ୟଜୀବନ ସଂଘର ସଦସ୍ୟମାନଙ୍କ ପରିଚାଳନା କରୁଛନ୍ତି।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ଜି.ଉଦୟଗିରି,୩୧।୧୦(ଡି.ଏନ.ଏ.):** ଜି.ଉଦୟଗିରି ହବାକ୍ ହାଇସ୍କୁଲରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ରାଷ୍ଟ୍ରୀୟ ଏକତା ଦିବସରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିଚାରଣ କରାଯିବା ସହ ରାଷ୍ଟ୍ରୀୟ ଏକତା ଦିବସ ଉପରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରମାନେ ସହର ପରିକ୍ରମା କରି ରାଷ୍ଟ୍ରୀୟ ଏକତା ଦିବସର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇଥିଲେ।

ସୋରଡା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ

# ୨ଦିନ ହେଲା ଆସୁନାହାନ୍ତି ଛାତ୍ରୀଛାତ୍ର

**ସୋରଡା, ୩୧।୧୦(ଡି.ଏନ୍.ଏ.)**

ରାଜ୍ୟ ସରକାର ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷା ଦେବାକୁ ପଛୁଆ ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ମାତ୍ର ବିଭିନ୍ନ ସ୍ଥାନରେ ଶିକ୍ଷକ ଅଭାବ ସହ ଅନ୍ୟାନ୍ୟ ଅବ୍ୟବସ୍ଥା ଯୋଗୁ ସରକାରଙ୍କ ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ। ଅଭିଭାବକମାନେ ମଧ୍ୟ ସେମାନଙ୍କ ପିଲାମାନଙ୍କୁ ଇଂରାଜୀ ମାଧ୍ୟମରେ ପଢାଇବାର ସ୍ୱପ୍ନ ଧୂଳିସାତ୍ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ସୋରଡା ଆଦର୍ଶ ବିଦ୍ୟାଳୟରେ। ଏଠାରେ ଶିକ୍ଷକ ଅଭାବ ପ୍ରତିବାଦରେ ୨ ଦିନ ହେଲା ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡୁ ନାହାନ୍ତି।


ବିଦ୍ୟାଳୟରେ ପହଞ୍ଚି ବିଡିଓ ଆଲୋଚନା କରୁଛନ୍ତି।

ପ୍ରକାଶ ଯେ, ସୋରଡା ଆଦର୍ଶ ବିଦ୍ୟାଳୟରେ ୪ ମାସ ହେଲା ଶିକ୍ଷକ ମରୁଡି ଲାଗି ରହିଛି। ଏଠାରେ ଷଷ୍ଠରୁ ୧୦ମ ପର୍ଯ୍ୟନ୍ତ ୩୩୪ ଛାତ୍ରୀଛାତ୍ର ପଢୁଛନ୍ତି। ଶିକ୍ଷକ, ଅଣ ଶିକ୍ଷକଙ୍କୁ ମିଶାଇ ମୋଟ ୨୨ ଜଣ ରହିବା କଥା, ମାତ୍ର ଅଛନ୍ତି କେବଳ ୧୪ଜଣ। ଅଧ୍ୟକ୍ଷ ପଦ ସହ ପିଜିଟି ଇଂଲିଶ, ଫିଜିକ୍ସ, ବାୟୋଲୋଜି, କେମେଷ୍ଟ୍ରି, ଟିଜିଟି ଇଂଲିଶ, ଟିଜିଟି ଗଣିତ, କଳା ଶିକ୍ଷକ ମୋଟ ୮ଟି ପଦବୀ ଖାଲି ପଡିଛି। ଅଗଷ୍ଟ ମାସରୁ ଶିକ୍ଷକ ଅଭାବ ସମସ୍ୟା ରହିଥିବାବେଳେ ଇଂଲିଶ ଶିକ୍ଷକ ନ ଥିବା ଅଧିକ ସମସ୍ୟା ସୃଷ୍ଟି କରୁଛି। ଅଭିଭାବକମାନେ ବାରମ୍ବାର ଅବଗତ କରାଇଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଶତାଧିକ ଅଭିଭାବକ ବୁଧବାର ବିଦ୍ୟାଳୟକୁ ଯାଇ ସମସ୍ୟା ସମାଧାନ ପାଇଁ ଆଲୋଚନା କରିଥିଲେ। ୨ ଦିନ ହେଲା ପିଲାମାନଙ୍କୁ ଅଭିଭାବକମାନେ ବିଦ୍ୟାଳୟକୁ ଛାଡୁ ନାହାନ୍ତି। ଗୁରୁବାର ମଧ୍ୟ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ଖବର ପାଇ ବିଡିଓ ସୀମାଞ୍ଚଳ ପ୍ରଧାନ ପହଞ୍ଚି ଅଭିଭାବକ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଜିଲାପାଳ ଆସିଲେ ସମସ୍ୟା ବୁଝିବେ ଓ ତୁରନ୍ତ ଦାବିରେ ଅଭିଭାବକମାନେ ଅଡି ବସିଥିଲେ।

# ଗୁମୁଡୁମାହାବାସୀଙ୍କ ରାସ୍ତାରୋକୋ ଚେତାବନୀ

**ଫୁଲବାଣୀ ଅଫିସ,୩୧।୧୦**

**ଗୁଳିକାଣ୍ଡ ଘଟଣାର ୩ ବର୍ଷ ପରେ ବି ପ୍ରତିଶ୍ରୁତି ପୂରଣ ହେଲାନି**

ଗୁମୁଡୁମାହା ଗୁଳିକାଣ୍ଡ ଘଟଣାକୁ ୩ ବର୍ଷ ପୂରିଛି। ୨୦୧୬ ଜୁଲାଇ ୮ତାରିଖରେ ମାଓବାଦୀ ସନ୍ଦେହରେ ପୋଲିସ ଗୁଳିରେ ୫ ନିରୀହ ଆଦିବାସୀଙ୍କ ଜୀବନ ଚାଲିଯିବା ସହ ୭ଜଣ ଆହତ ହୋଇଥିଲେ। ରାଜ୍ୟ ସରକାର ବିଚାର ବିଭାଗୀୟ କମିଶନ ବସାଇଥିଲେ। ମୃତ ବ୍ୟକ୍ତିମାନଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ବେଳେ ଉକ୍ତ ଗ୍ରାମର ରାସ୍ତା, ବିଦ୍ୟୁତ, ପାନୀୟ ଜଳ ସମସ୍ୟା ସମାଧାନ ସହ ଟେଲିଫୋନ ଟାୱାର ଏବଂ ଏଏନ୍ଏମ କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ତେବେ ୩ ବର୍ଷ ପରେ ମିଳିଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହା ପ୍ରତିବାଦରେ ବୁଧବାର ଗୁମୁଡୁମାହା ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମର ସତ୍ୟଭାମା ନାୟକ, କାର୍ତ୍ତିକ ବେହେରା, ବ୍ରଜ ମଲିକ, ନିରଞ୍ଜନ ବେହେରା, ବନମାଳୀ ମଲିକ, ଦିଲି ମଲିକ, ବୁଲୁ ଦିଗାଲ, କେଶବ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ମୌଳିକ ସମସ୍ୟା ସମାଧାନ କରାଯିବ। ରାସ୍ତା, ପାଣି, ବିଦ୍ୟୁତ୍ ଆଦି ସୁବିଧା କରାଯିବା ନେଇ ପ୍ରଶାସନ ପକ୍ଷରୁ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।

## ଟିକାବାଲି ଥାନାରେ ଆମ ପୋଲିସ ବୈଠକ



ବୈଠକରେ ଆଲୋଚନା ଚାଲିଛି।

**ଶଙ୍କରାଖୋଲ, ୩୧।୧୦(ଡି.ଏନ୍.ଏ.)**

ଟିକାବାଲି ଥାନାରେ ବୁଧବାର ଥାନା ଅଧିକାରୀ ରେବତୀ ଶବରଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ଡୁଙ୍ଗିଠାରେ ଥିବା ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ପଞ୍ଚୁକରେ ଦୀପଦାନ ଓ ବଡ଼ଦିନକୁ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ତାହା ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର, କୋଟିଲାଗଡ଼ ବ୍ରିଜଠାରୁ ଟିକାବାଲି କଲେଜଛକ ପର୍ଯ୍ୟନ୍ତ ଏବଂ ଶଙ୍କରାଖୋଲ, ଲାଇନପଡ଼ାଠାରେ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା, ଜୁଆଆଡ୍ଡା ଉପରେ ନଜର ରଖାଯିବା ନେଇ ଆଲୋଚନା ହୋଇଥିଲା। ଏଥିରେ ରାମବିଶ୍ ଦିଗାଳ, ପ୍ରଫୁଲ୍ଲ ଦାସ, ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ପ୍ରଧାନ, ସରପଞ୍ଚ ରଶ୍ମିତା କହଁର, ଲକ୍ଷ୍ମଣ ପାଣିଗ୍ରାହୀ, ନୀଳମାଧବ ପାତ୍ର, ଯୁଗଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏଏସ୍ଆଇ ଲଡୁକିଶୋର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ୟବିବାହ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ

**ପାତ୍ରପୁର,୩୧।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଖାରିଆଗୁଡ଼ା ପଞ୍ଚାୟତ ପୁହୁଣ୍ଡି ଗ୍ରାମରେ ସୁରଙ୍ଗି ତାଲୁକା ଗୋପାଳ ସମାଜର ସଭ୍ୟମାନଙ୍କୁ ନେଇ ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଅଧିକାରୀ ଦେବବ୍ରତ ମାହୁନ୍ତ, ବ୍ଲକ ଶିଶୁ ବିକାଶ ଅଧିକାରୀ ପଦ୍ମିନୀ ସାହୁ, ଖାରିଆଗୁଡ଼ା ଫାଣ୍ଡି ଅଧିକାରୀ ପି. ତାମେୟା ରେଡ୍ଡୀ, ସରପଞ୍ଚ ସରସ୍ୱତୀ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ବାଲ୍ୟବିବାହ ରୋକିବା ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ସମାଜର ସମ୍ପାଦକ ବିଜୟ କୁମାର ଗୌଡ଼, ସଭାପତି ଅନ୍ତର୍ଯ୍ୟାମୀ ଗୌଡ଼ ପ୍ରମୁଖଙ୍କ ସହିତ ବିଭିନ୍ନ ଗ୍ରାମରୁ ଆସିଥିବା ସଭ୍ୟମାନେ ଉପସ୍ଥିତ ଥିଲେ।


ଆଦର୍ଶ ବିଦ୍ୟାଳୟରେ ହୋଇଥିବା ମାନବଶୃଙ୍ଖଳ।

# ଆଦର୍ଶ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ

**ଦାରିଙ୍ଗବାଡି,୩୧।୧୦(ଡି.ଏନ୍.ଏ.)**

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ରୋଡରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶିବ ସେଠୀ ପିଲାମାନଙ୍କ ଉଦ୍ଦେଶ୍ୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ରାଷ୍ଟ୍ରୀୟ ଏକତା ତଥା ଭାରତ ବର୍ଷର ୫୬୨ ଭୂ-ରାଜସ୍ୱରେ ବିଭାଜିତ ହୋଇଥିବା ଭୂ-ଖଣ୍ଡମାନଙ୍କୁ ଏକସୂତ୍ରରେ କିପରି ବାନ୍ଧି ରଖିବାସହ ଭାରତ ବର୍ଷକୁ ଏକତା କରିବାର ମୁଖ୍ୟ ଭୂମିକା ନେଇଥିଲେ ସେ ସମ୍ପର୍କରେ କହିଥିଲେ। ବିଦ୍ୟାଳୟରେ ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ମାନବଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା।

## ରାଇକିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଛାତ୍ରୀଛାତ୍ର ବୃନ୍ଦ।

**ରାଇକିଆ,୩୧।୧୦(ଡି.ଏନ.ଏ)**

ରାଇକିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ ଯୋଗ ଦେଇଥିଲେ। ଏବିଇଓ ଶମ୍ଭୁ ଭୂଷଣ ଦୀପ, ସାରଥି କହଁର, ସୀମାଦ୍ରି କହଁର ମଞ୍ଚାସୀନ ଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ସଂଗୀତ ପ୍ରତିଯୋଗିତାରେ କରାଯାଇଥିଲା। କୃତୀ ପ୍ରତିଯୋଗୀମାନେ ଆସନ୍ତା ୮ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶିକ୍ଷକ ପ୍ରଦୀପ ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ,ଶିକ୍ଷକ, ବିଆରସିସି ଏବଂ ସିଆରସିସି ମାନେ ଉପସ୍ଥିତ ଥିଲେ।

## ମନ୍ଦିର ଭଙ୍ଗାଯିବା ଘଟଣାକୁ ଭାଜପାର ନିନ୍ଦା

**ଛତ୍ରପୁର,୩୧।୧୦(ଡି.ଏନ.ଏ)**

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଛତ୍ରପୁର ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଏକତା ଯାତ୍ରା ଦଳୀୟ କାର୍ଯ୍ୟାଳୟଠାରୁ ବାହାରି ଲୋୟର ବସଷ୍ଟାଣ୍ଡ ଯାଏ ଯାଇଥିଲା। ସେଠାରେ ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ସାମୁହିକ ଦୀପଦାନ କରାଯାଇଥିଲା। ଲୋୟର ବସଷ୍ଟାଣ୍ଡଠାରେ ପ୍ରଶାସନ ପକ୍ଷରୁ ତାରିଣୀ ମନ୍ଦିର ଭଙ୍ଗାଯିବା ଘଟଣାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଥିଲା। ଏକତା ଯାତ୍ରାରେ ଛତ୍ରପୁର ଭାଜପା ମଣ୍ଡଳ ସଭାପତି ପ୍ରଦୀପ ପାଢ଼ୀ, ଜିଲା ଉପସଭାପତି ଡି କାନକେୟା ରେଡ୍ଡୀ, ଜିଲାପରିଷଦ ସଦସ୍ୟା ରଶ୍ମିରାଣୀ ମହାପାତ୍ର, ଭୀମସେନ ବେହେରା, ହୁମ୍ମା ମଣ୍ଡଳ ସଭାପତି କିର୍ତ୍ତନ ଦାସ, ଗାଣ୍ଡୁଧର ଗୌଡ, ଛତ୍ରପୁର ମଣ୍ଡଳ ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା, ଯୁବମୋର୍ଚ୍ଚା ସଭାପତି ପି. ରଘୁ ରେଡ୍ଡୀ ପ୍ରମୁଖ ସାମିଲ ଥିଲେ।

## ଦୁତିପଡାରେ ସ୍ୱାସ୍ଥ୍ୟ ସମ୍ପଦ କାର୍ଯ୍ୟକ୍ରମ


ସ୍ୱାସ୍ଥ୍ୟ ସମ୍ପଦ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶିକ୍ଷକ।

**ଖଜୁରିପଡା,୩୧।୧୦(ଡି.ଏନ.ଏ.)**

ଖଜୁରିପଡା ବ୍ଲକ ଦୂତିପଡା ପଞ୍ଚାୟତର ଦୂତିପଡାଠାରେ ସ୍ୱାସ୍ଥ୍ୟ ସମ୍ପଦ କାର୍ଯ୍ୟକ୍ରମ ରସାମଣି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସମ୍ପଦ ବିଷୟରେ ନୃତ୍ୟ, ଗୀତ ଓ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ସଚେତନ କରାଯାଇଥିଲା। ସୁସ୍ଥ ଶରୀର ବା ବ୍ୟକ୍ତି କହିଲେ ଯେଉଁ ବ୍ୟକ୍ତି ମାନସିକ, ଆଧ୍ୟାତ୍ମିକ, ଶାରୀରିକ, ସାମାଜିକ କ୍ଷେତ୍ରରେ ଉତ୍ତମ ମାନ ଥାଏ ବୋଲି କୁହାଯାଇଥିଲା। ସୁସ୍ଥ ସବଳ ରହିବା ପାଇଁ ପୋଷଣ ଖାଦ୍ୟ ଓ ସଫା ସୁତୁରା ପୋଷାକ ବ୍ୟବହାର ଇତ୍ୟାଦି ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜାଲଙ୍ଗା ପଦର ବିଏନ୍ଏମ ପ୍ରଶିକ୍ଷଣ ଶିବିରର ସନ୍ତୋଷ କୁମାର ମିଶ୍ର, ଦେବବ୍ରତ ଜେନା, ସ୍ୱରୂପା ପଟ୍ଟନାୟକ, ମୋନାଲିସା ସୋର, ଶର୍ମିଷ୍ଠା ସାହୁ, ଏନ. ଶୁଭକାନ୍ତି ଓ ଐଶ୍ୱର୍ଯ୍ୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ନାତକ ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ପାଠଚକ୍ର

**ଶଙ୍କରାଖୋଲ,୩୧।୧୦(ଡି.ଏନ୍.ଏ.):** ଚକାପାଦ ବ୍ଲକ ଲାଇନପଡ଼ାସ୍ଥିତ କୁଇଦିନା ଇନ୍ଦିରାଗାନ୍ଧୀ ସ୍ମାରକୀ ସ୍ନାତକ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଉପନ୍ୟାସ ଆଲୋଚନା ହୋଇଥିଲା। କଲେଜ ଅଧ୍ୟକ୍ଷ ମହେନ୍ଦ୍ର କୁମାର ସାମନ୍ତରାୟ, ବିଭାଗୀୟ ମୁଖ୍ୟ ସୁବାସ ଚନ୍ଦ୍ର ମଲିକ, ଯୁକ୍ତ ୨ ଅଧ୍ୟକ୍ଷ ଡ. ତୈଲୋକ୍ୟନାଥ ସେନାପତି, ଡ.ଓଡ଼ିଆ ଅଧ୍ୟାପକ ବସନ୍ତ କୁମାର ସାହୁ ଅଂଶଗ୍ରହଣ କରିଥିଲେ। ନରେନ୍ଦ୍ର ବେହେରା ସନ୍ଦର୍ଭଟିକୁ ପାଠ କରିଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଜି.ଉଦୟଗିରି,୩୧।୧୦(ଡି.ଏନ.ଏ.)**

ଜି.ଉଦୟଗିରିସ୍ଥିତ ହାତୀଶାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏବିଇଓ ବାଣୀ ଚରଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟଅତିଥି ଓ ଶିକ୍ଷାବିତ୍ ମିହିର କାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ୯ଟି କ୍ଲଷ୍ଟରରୁ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ କଳା ଉତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା।



ମଞ୍ଚାସୀନ ଅତିଥିବୃନ୍ଦ।

ବରିଷ୍ଠ ଶିକ୍ଷକ ଲୋକନାଥ ବାରିକ, ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ବୈକୁଣ୍ଠନାଥ ସାହୁ, ଗୋଲକ ବିହାରୀ ପଟ୍ଟନାୟକ, ବିଭୁନନ୍ଦନ ପଣ୍ଡା, ପ୍ରସନ୍ନ ପ୍ରଧାନଙ୍କ ସମେତ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମରାମତି ହେଉନି ତିତ୍‌ଲିରେ କ୍ଷତିଗ୍ରସ୍ତ ରାସ୍ତା

**ଫିରିଙ୍ଗିଆ, ୩୧।୧୦**

ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ କୋଡ଼ାପାଲି ରାସ୍ତା ଗତବର୍ଷ ହୋଇଥିବା ବାତ୍ୟା 'ତିତ୍‌ଲି'ରେ ଧୋଇଯାଇଥିଲା। ଏହାର ମରାମତି ପାଇଁ ପଞ୍ଚାୟତବାସୀ ବାରମ୍ବାର ପ୍ରଶାସନ ପାଖରେ ଦାବି କରି ଆସୁଥିଲେ ମଧ୍ୟ ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ। ରାସ୍ତାର ମଝିରେ ପ୍ରାୟ ୩୦ ମିଟର ଧୋଇ ଯାଇଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଗ୍ରାମକୁ ଗାଡ଼ିମୋଟର, ଏପରକି ଜରୁରୀ ସମୟରେ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନାହିଁ। ବର୍ଷା ହେଲେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେଉଛି।

ଉକ୍ତ ରାସ୍ତା ଉପରେ କୋଡ଼ାପାଲି, ବିଜରପଡ଼ା, ଖଜୁରିପଡା, ଗାଟେଣୀ, ବାରାକାଣ୍ଡି ଗ୍ରାମବାସୀ ନିର୍ଭର କରନ୍ତି। ତିତ୍‌ଲିରେ ହୋଇଥିବା ବର୍ଷାରେ ଗୋପମୁଣ୍ଡା ନାଳରେ ପାଣି ଉଛୁଳି କୋଡାପାଲି ପୋଲ ପାଖରୁ ପ୍ରାୟ ୨୦୦ ମିଟର ଦୂର ରାସ୍ତା ପାର୍ଶ୍ୱରୁ ୩୦ ମିଟର ଧୋଇଯାଇଛି। ରାସ୍ତା ମରାମତି ହୋଇ ନ ଥିବାରୁ ବର୍ଷା ହେଲେ ଗ୍ରାମବାସୀ ପାଣିରେ ପଶି ଯିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମକୁ ଗାଡି ଚଳାଚଳ କରିପାରୁନାହିଁ। ଜରୁରୀ ବେଳେ ମେଡିକାଲ ଯାଇ ହେଉ ନ ଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟରୁ ଚାଉଳ ମୁଣ୍ଡେଇ ଆଣିବା ସମ୍ଭବ ହେଉନାହିଁ। ତୁରନ୍ତ ଉକ୍ତ ରାସ୍ତା ମରାମତି ସହ ଶଙ୍ଖ ନିର୍ମାଣ କରିବାକୁ ସରପଞ୍ଚ କହ୍ନେଇ କହଁରଙ୍କ ସମେତ ରବି ଚନ୍ଦ୍ର କହଁର, ଶ୍ରୀରାମ କହଁର, ଜୟ କହଁର, ଚକ୍ରପତି କହଁର ପ୍ରମୁଖ ଦାବି କରଛନ୍ତି। ଏ ନେଇ ବିଡିଓ ରଶ୍ମିରଞ୍ଜନ ମହନ୍ତ କହିଛନ୍ତି, ବ୍ଲକ ନଚେତ ବିଧାୟକଙ୍କ ପାଣ୍ଠି ଅବା ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଏହି ରାସ୍ତା କାମ କରାଯିବ।


ଧୋଇ ଯାଇଥିବା ରାସ୍ତା।

ବଢୁଛି ଅସନ୍ତୋଷ

ଧରିତ୍ରୀ DHARITRI



## ସଂକ୍ଷେପରେ

### ମଦ ବନ୍ଦ ଦାବିରେ ମହିଳାଙ୍କ ରାସ୍ତାରୋକୋ



ହାତୀଓଟ, ୩୧।୧୦- ପୋଲସରା ବ୍ଲକ ମନ୍ଦାର ପଞ୍ଚାୟତର ମାଳତୀବାଡି ଗ୍ରାମରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗୁରୁବାର ଗ୍ରାମର ଏସ୍ଏଚ୍‌ଜି ମହିଳାମାନେ ମନ୍ଦାର - ଆସିକା ମୁଖ୍ୟ ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ପ୍ରକାଶ ଯେ, ଦୁଇଦିନତଳେ ଗ୍ରାମର ୮ଟି ଏସ୍ଏଚ୍‌ଜି ଗ୍ରୁପ୍ ଗ୍ରାମରେ ବେଆଇନ୍ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇ ଦସ୍ତଖତ ନିଆଯାଇଥିଲା। ଗୁରୁବାର ଗ୍ରାମର ସମସ୍ତ ପୁରୁଷ ଓ ମହିଳା ମିଶି ମଦ ବନ୍ଦକୁ ନେଇ ବିକ୍ଷୋଭ ସହ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ସରପଞ୍ଚ କାଳୀଚରଣ ନାୟକଙ୍କ ଘରକୁ ଯାଇ ତାଙ୍କ ଦସ୍ତଖତ ମଧ୍ୟ ସଂଗ୍ରହ କରାଯାଇଥିଲା। ଏନେଇ ମହିଳାମାନେ କହିଛନ୍ତି ଗ୍ରାମରେ ମଦ ବିକ୍ରିକୁ ନେଇ ସର୍ବଦା ଅଶାନ୍ତି ଲାଗି ରହୁଛି। ତେଣୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତି ନେଇ ପ୍ରତିବାଦ କରିଲୁ ବୋଲି କହିଛନ୍ତି। ଏନେଇ ଏକ ଦାବିପତ୍ର ପୋଲସରା ଥାନା, ଗଞ୍ଜାମ ଜିଲାପାଳ ଓ ଅବକାରୀ ବିଭାଗ କବିସୂର୍ଯ୍ୟନଗର କାର୍ଯ୍ୟାଳୟକୁ ପଠାଯାଇଥିବା ଜଣାପଡିଛି।

### ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ଗୋପାଳପୁର,୩୧।୧୦-ଗୋପାଳପୁର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଓ ଆଇକ୍ୟୁଏସି ମିଳିତ ଆନୁକୂଲ୍ୟରେ ଗୁରୁବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ରମାକାନ୍ତ ଚୌଧୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ବିରଳ ମୃତ୍ତିକା ସଂସ୍ଥାର ଉପ-ପରିଚାଳକ ଜନ୍‌ସି ଇ ଇପାର, ଅତିଥି ଭାବେ ରାଜେଶ କୁମାର ଦାଶ, ଶିବ ଶଙ୍କର ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଆଲୋଚନା ବିଷୟ ଥିଲା 'ସଚ୍ଚୋଟତା : ଏକ ଜୀବନ ଶୈଳୀ'। ସମାଜରୁ ଦୁର୍ନୀତି ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା । ଜାତୀୟ ରେଡକ୍ରସ୍‌ର ଡ଼. ରାମଚନ୍ଦ୍ର ଜେନା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଏହି ଅବସରରେ ରଞ୍ଜିତ କୁମାର ଦାଶ, ବିପ୍ର ଚରଣ ମହାକୁଡ଼ ଓ ରଞ୍ଜିତା ବେହେରା ଯୋଗଦେଇ ନିଜ ନିଜ ମତ ରଖିଥିଲେ ।

### ମଦ ଜବତ, ୩ ଗିରଫ

ଗୋପାଳପୁର,୩୧।୧୦

ଗୋଳନ୍ଥରା ପୋଲିସ ୩ଟି ଗ୍ରାମରେ ଚଢ଼ାଉ କରି ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛେଳିଆ ଗ୍ରାମର ରାମକୃଷ୍ଣ ମହାନ୍ତି, ପଞ୍ଚମା ଗ୍ରାମର ସୁଧିର ସାହୁ ଓ ସୋରଳ ଗ୍ରାମର ହାଡୁବନ୍ଧୁ ବେହେରା। ରାମକୃଷ୍ଣଙ୍କ ଠାରୁ ୫ ଲିଟର, ସୁଧୀରଙ୍କ ଠାରୁ ୭୨ଟି ଦେଶୀ ମଦ ପାଉଚ, ହାଡୁବନ୍ଧୁଙ୍କଠାରୁ ୮ ଲିଟର ବିଦେଶୀ ମଦ ଜବତ କରିଛି। ନଂ ୨୭୨, ୨୭୩, ୨୭୫/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ବେପରୁଆ ଗାଡ଼ି ଚାଳନା

# ୨୩୭୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

### ୮୯.୭୬ ଲକ୍ଷ ଟଙ୍କା ଜରିମାନା ଆଦାୟ

ଛତ୍ରପୁର,୩୧।୧୦(ଡି.ଏନ.ଏ)

ଚଳିତବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ଗଞ୍ଜାମ ଜିଲାରେ ୨,୩୭୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ବେପାରୁଆ ଗାଡିଚାଳନା, ହେଲ୍‌ମେଟ୍ ନ ପିନ୍ଧି ଓ ମଦ୍ୟପାନ କରି ଗାଡି ଚଳାଇବା ଆଦି କାରଣରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୋଲିସ ଓ ଆର୍‌ଟିଓଙ୍କ ନିଜସ୍ୱ ରିପୋର୍ଟକୁ ଆଧାର କରି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ସେଥିମଧ୍ୟରେ ବେପାରୁଆ ଗାଡିଚାଳନା ଓ ଅନ୍ୟ କାରଣ ଯୋଗୁ ୧,୫୮୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଆର୍‌ଟିଓଙ୍କୁ ପୋଲିସ ପକ୍ଷରୁ ସୁପାରିସ କରାଯାଇଥିଲା। ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ଉପରୋକ୍ତ କାରଣରୁ ୭୮୭ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଜାନୁୟାରୀରେ ୧୬୯ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଥିବାବେଳେ ଫେବୃୟାରୀରେ ୨୬୧, ମାର୍ଚ୍ଚରେ ୨୬୫, ଏପ୍ରିଲରେ ୧୨୨, ମେ ମାସରେ ୨୦୬ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ଜୁନ୍ ମାସରେ ୩୬୧, ଜୁଲାଇରେ ୨୨୭, ଅଗଷ୍ଟରେ ୪୬୮, ସେପ୍ଟେମ୍ବର ମାସରେ ୨୯୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଛି। ଏଥିସହ ହେଲ୍‌ମେଟ୍ ନ ପିନ୍ଧି ଗାଡି ଚଳାଇ ଧରାପଡିଥିବା ଚାଳକଙ୍କଠାରୁ ଚଳିତବର୍ଷ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୮୬ ଲକ୍ଷ ୩୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେଥିମଧ୍ୟରେ ପୋଲିସ ପକ୍ଷରୁ ୬୪ ହଜାର ୪୦୯ ଜଣଙ୍କଠାରୁ ୮୩ ଲକ୍ଷ ୧୦୦ ଟଙ୍କା ଜରିମାନା ଆଦାୟ ହୋଇଥିବାବେଳେ ଆର୍‌ଟିଓ କାର୍ଯ୍ୟାଳୟ ପକ୍ଷରୁ ୮୧୪୮ ଜଣଙ୍କଠାରୁ ୩ ଲକ୍ଷ ୩୮ ହଜାର ୪୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଚଳିତବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ୩୧୪୪ ଗାଡି ଯାଞ୍ଚ ହୋଇଥିଲା। ସେଥିରୁ ୧୩୨୧ ଗାଡିର ବୀମା ପ୍ରମାଣପତ୍ର ନ ଥିଲା। ଏଥିଲାଗି ସେମାନଙ୍କଠାରୁ ୩ ଲକ୍ଷ ୩୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାଯୋଗ୍ୟ, ୨୦୧୮ରେ ୨,୦୦୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଥିଲା।

## ବସ୍ ରହଣିକୁ ନେଇ ଛାତ୍ର ଉତ୍ତେଜନା

# ପୋଲିସ ଉପସ୍ଥିତିରେ ହେଲା ସମାଧାନ



ଛାତ୍ରମାନଙ୍କ ସହ ପୋଲିସ ଅଧିକାରୀ ଓ କଲେଜ ଅଧକ୍ଷା ଆଲୋଚନା କରୁଛନ୍ତି।

ଦିଗପହଣ୍ଡି,୩୧।୧୦(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ସମ୍ମୁଖରେ ବସ୍ ରହଣିକୁ କେନ୍ଦ୍ରକରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗତ ଦୁଇଦିନ ହେଲା ଲାଗି ରହିଥିବା ଅଶାନ୍ତି ଗୁରୁବାର ଉତ୍ତେଜନାର ରୂପ ନେଇଥିଲା। ପରେ ପୋଲିସ ଉପସ୍ଥିତିରେ ସମସ୍ୟା ସମାଧାନ ହୋଇଛି। ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ ଏକ ଘରୋଇ ବସ୍‌ର କଣ୍ଡକ୍ଟର ଜଣେ ଯୁକ୍ତ ୩ ପରୀକ୍ଷାର୍ଥୀଙ୍କୁ ମଳାଭଞ୍ଜା ଗାଁ ନିକଟରେ ଠେଲିଦେବାରୁ ସେ ଆହତ ହୋଇଥିଲେ। ଏ ନେଇ ଛାତ୍ରଙ୍କ ପକ୍ଷରୁ ବ୍ରହ୍ମପୁରର ବସ୍ ମାଲିକ ଏବଂ କଲେଜ ଅଧକ୍ଷାଙ୍କୁ ଅଭିଯୋଗ କରାଯାଇଥିଲା। ବସ ମାଲିକ ଆଲୋଚନା ପାଇଁ କଲେଜକୁ ନ ଆସିବାରୁ ଛାତ୍ରମାନେ ଗୁରୁବାର ବ୍ରହ୍ମପୁରରୁ ଭାୟା ଦିଗପହଣ୍ଡି ଦେଇ ଭୀଷ୍ମଗିରି ଯାଉଥିବା ଉକ୍ତ ବସକୁ କଲେଜ ନିକଟରେ ଅଟକାଇ ଥିଲେ। କଣ୍ଡକ୍ଟରଙ୍କ ସାନଭାଇ ଓ ହେଲପରଙ୍କୁ ଟଣାଓଟରା କରିଥିଲେ। ଏହାକୁ ନେଇ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। କଲେଜ ରାସ୍ତାରେ ଚଳାଚଳ କରୁଥିବା ବସଗୁଡିକ ଛାତ୍ରୀଛାତ୍ରମାନଙ୍କୁ ଚଢ଼ାଉନାହାନ୍ତି। କଲେଜ ପରିଚୟପତ୍ର ଦେଖାଇଲେ ରିହାତି ଦେଉନାହାନ୍ତି। ପ୍ରତିବାଦ କଲେ ଦୁର୍ବ୍ୟବହାର କରାଯାଉଛି ବୋଲି ଛାତ୍ରମାନେ ଅଭିଯୋଗ କରି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଦିଗପହଣ୍ଡି ଥାନା ଏସଆଇ ମଧୁସ୍ମିତା ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି କଲେଜ ଅଧକ୍ଷା ପ୍ରଣତି ପାତ୍ରଙ୍କ ସହ ଛାତ୍ର ପ୍ରତିନିଧି ହିତେଶ ପାତ୍ର, ଶାନ୍ତନୁ ପ୍ରଧାନ, ଶ୍ରୀଧର ପାଣିଗ୍ରାହୀ ପ୍ରମୁଖଙ୍କ ଉପସ୍ଥିତିରେ ବସ କର୍ମଚାରୀଙ୍କ ସହ ଆଲୋଚନା କରିବା ପରେ ଉତ୍ତେଜନା ଥମିଥିଲା।

# ଶାଶୁ, ଶ୍ୱଶୁର ଜେଲ ଗଲେ

### ଶୁଭଶ୍ରୀ ହତ୍ୟା ମାମଲା

ବୁଗୁଡା,୩୧।୧୦(ଡି.ଏନ.ଏ.)

ବୁଗୁଡା ଥାନା ପାଣିକେଶର ଗ୍ରାମର ଶୁଭଶ୍ରୀ ଗୌଡଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେବା ଘଟଣାରେ ସ୍ୱାମୀ ଶରତ ଗୌଡଙ୍କୁ ବୁଗୁଡା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା। ଗୁରୁବାର ଶୁଭଶ୍ରୀଙ୍କ ଶ୍ୱଶୁର ଭଗବାନପୁର ଗ୍ରାମର ଜୟ ଗୌଡ ଓ ଶାଶୁ ଲକ୍ଷ୍ମୀଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଶୁଭଶ୍ରୀଙ୍କ ମା' ମାଗୁତୁଣୀ ଗୌଡଙ୍କ ଅଭିଯୋଗକ୍ରମେ ଏନେଇ ବୁଗୁଡା ଥାନାରେ ନଂ.୨୧୬/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଏପ୍ରିଲ ୧୭ରେ ଶୁଭଶ୍ରୀଙ୍କ ସହ ଶରତ ଗୌଡଙ୍କର ବିବାହ ହୋଇଥିଲା। ବିବାହ ପରେ ଶାଶୁଘର ଲୋକେ ୨ ଲକ୍ଷ ଟଙ୍କା, ସୁନା ଚେନ ଓ ମୁଦି ଯୌତୁକ ଆଣିବାକୁ ଦାବିକରି ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶେଷରେ ସ୍ୱାମୀ ଶରତ ଜୁନ ୬ରେ ଶୁଭଶ୍ରୀଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ମଙ୍ଗଳବାର କାଳିଆମ୍ବା ଜଙ୍ଗଲରୁ ଶୁଭଶ୍ରୀଙ୍କ କଙ୍କାଳ ବୁଗୁଡା ପୋଲିସ ଜବତ କରିଥିଲା।

## ଗଞ୍ଜାମରେ ଟିକାକରଣ ଲକ୍ଷ୍ୟ ପୂରଣ

# ପ୍ରଶଂସା ପ୍ରମାଣପତ୍ର ଗ୍ରହଣ କଲେ ଜିଲାପାଳ



ପ୍ରମାଣପତ୍ର ଗ୍ରହଣ କରୁଛନ୍ତି ଜିଲାପାଳ।

ଛତ୍ରପୁର,୩୧।୧୦(ଡି.ଏନ.ଏ)

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ନୂଆଦିଲ୍ଲୀ ଜନପଥସ୍ଥିତ ଡ. ଆମ୍ବେଦକାର ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ପଲ୍‌ସ ପୋଲିଓ ସିଲଭର ଜୁବିଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୨୦୧୭-୧୮ରେ ୯୦ ପ୍ରତିଶତ ଟିକାକରଣ (ମିଶନ ଇନ୍ଦ୍ରଧନୁଷ୍) ଲକ୍ଷ୍ୟ ପୂରଣ ପାଇଁ ଗଞ୍ଜାମ ଜିଲାକୁ ପ୍ରଶଂସା ପ୍ରମାଣପତ୍ର ମିଳିଛି । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ନୂଆଦିଲ୍ଲୀ ଯାଇ ଉକ୍ତ ପ୍ରଶଂସା ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଓ ପୂର୍ବତନ ବିଭାଗୀୟ ମନ୍ତ୍ରୀ ଜେ. ପି. ନଡା ପ୍ରମାଣପାତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ବର୍ଷକ ମଧ୍ୟରେ ଶିଶୁଙ୍କୁ ପୋଲିଓଠାରୁ ଆରମ୍ଭ କରି ବିସିଜି, ପେଣ୍ଟା, ରୋଟା ଭାଇରସ ଓ ମିସିଲ୍ସ ସମସ୍ତ ଟିକା ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିଲା।

### ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଦିଗପହଣ୍ଡି,୩୧।୧୦(ଡି.ଏନ.ଏ.)– ଦିଗପହଣ୍ଡି ଅଗ୍ନିଶମ ବାହିନୀ ଗୁରୁବାର ମଧ୍ୟାହ୍ନରେ ସାନଖେମୁଣ୍ଡି ବ୍ଲକ ମଳାଭଞ୍ଜା ପଞ୍ଚାୟତ ବଲଧିଆ ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀଗଣ୍ଡରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ସେ ହେଲେ ବଲଧିଆ ଗ୍ରାମର ଶ୍ରୀକାନ୍ତ ପ୍ରଧାନଙ୍କ ସ୍ତ୍ରୀ ରୁକ୍ମିଣୀ। ରୁକ୍ମିଣୀ ହଳଦିଆଘାଟକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାରୁ ନଦୀରେ ବୁଡିଯାଇଥିଲେ। ଖବରପାଇ ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି

### ଭାଜପାର ସଦସ୍ୟ ସଂଗ୍ରହ କାର୍ଯ୍ୟକ୍ରମ

କନିଷି,୩୧।୧୦(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ତରଫରୁ ଗୋଳନ୍ଥରାସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ସକ୍ରିୟ ସଦସ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଜପା ରାଜ୍ୟ ସମ୍ପାଦକ ବିଭୁତି ଭୂଷଣ ଜେନାଙ୍କ ନେତୃତ୍ୱରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଭାଜପା ନେତା ଓ କର୍ମୀଙ୍କୁ ନେଇ ପ୍ରତ୍ୟେକ ମଣ୍ଡଳରୁ ୬୦ ଜଣ ଲେଖାଏଁ ସଦସ୍ୟ ସଂଗ୍ରହ ନିମନ୍ତେ କୁହାଯାଇଥିଲା। ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ରାଜେଶ ସାହୁ, ପ୍ରଦୀପ ପଟ୍ଟନାୟକ, ସନତ କୁମାର ନାୟକ, ସନ୍ତୋଷ କୁମାର ସାହୁ, ରଜତ କୁମାର ପଣ୍ଡିତ, ଭୈରବ ରଣା, ମହେନ୍ଦ୍ର କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ଲାଗି ସୁରଭି ମହତ୍ତ୍ୱପୂର୍ଣ୍ଣ



ଉପସ୍ଥିତ ଅତିଥିବୃନ୍ଦ।

ପୁରୁଷୋତ୍ତମପୁର, ୩୧।୧୦ (ଡି.ଏନ.ଏ.)

ପୁରୁଷୋତ୍ତମପୁର ପୂର୍ବତନ ଜିଲା ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ଥିବା ପ୍ରତିଭା ବିକାଶର ପ୍ରତିଫଳନ ଲାଗି ସୁରଭି ହେଉଛି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଶିଶୁଙ୍କୁ ଶିକ୍ଷାଦାନ ସହ ତାଙ୍କର ଅନ୍ତର୍ନିହିତ ଜ୍ଞାନର ବିକାଶ ଲାଗି ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁରୁତ୍ୱ ଦେବାଲାଗି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ସୀତାରାମ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ପି.ନାରାୟଣ ରାଓ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଆଚାରି ଓ ପେଡାଗୋଜି ସଂଯୋଜକ ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୩୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସରଞ୍ଜାମ ପ୍ରଦାନ କରିବା ସହ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହାକୁ ବିଆରଟି, ସମସ୍ତ ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

# ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡା,୩୧।୧୦(ଡି.ଏନ.ଏ.)– ବୁଗୁଡା ବ୍ଲକ ବରଡିପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ପ୍ରଧାନ ଶିକ୍ଷକ ଶିଶିର କୁମାର ଦାଶଙ୍କ ସଭାପତିତ୍ୱରେ ସମ୍ପୃକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ସୁନୀତା ଦେବୀ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସଭାପତି ପାଣ୍ଡବ ପ୍ରଧାନ, ଉପସଭାପତି ସୁଜାତା ନାହାକ, ସିଆରସିସି ସନ୍ତୋଷ କୁମାର ସାହୁ ଯୋଗ ଦେଇ ଭଲ ପାଠ ପଢ଼ିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଝୁନୁ କୁମାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜାତୀୟ ଏକତା ପାଇଁ ପ୍ରଶାସନର ଶପଥପାଠ



ଶପଥ ପାଠ ହେଉଛି।

ଛତ୍ରପୁର,୩୧।୧୦(ଡି.ଏନ.ଏ)

ଗଞ୍ଜାମ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଗୁରୁବାର ପୃଥକ ଭାବେ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ଲୌହମାନବୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସଂକଳ୍ପ ନେଇ ଜାତୀୟ ଏକତାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଜାତୀୟ ଏକତାକୁ ବଜାୟ ରଖିବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ସଂଯୋଜନା କରିଥିଲେ । ସେହିପରି ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏସ୍‌ପି ବ୍ରିଜେଶ କୁମାର ରଏ ଯୋଗ ଦେଇ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଜାତୀୟ ଏକତା ନେଇ ଶପଥପାଠ କରାଇଥିଲେ। ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ, ଡିଆଇବି ଡିଏସ୍‌ପି ପି.କେ.ଦଳାଇ, ଡିଏସ୍‌ପି (ଏଚଆରପିସି) ସାମୁଏଲ ପ୍ରଧାନ, ଡିଏସ୍‌ପି ସଞ୍ଜୟ କୁମାର ମହାପାତ୍ର, ଡିଏସପି (ହେଡକ୍ୱାର୍ଟର) ଅଜୟ କୁମାର ମିଶ୍ର, ଏ.ରାବଣା ରାଓଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସ୍କୁଲ୍ ଭ୍ୟାନ୍ ଦୁର୍ଘଟଣା ଘଟଣା

### ଆହତ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ

ଚିକିଟି,୩୧।୧୦(ଡି.ଏନ.ଏ.)–ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ପହଁରାବାଡି ଗ୍ରାମ ନିକଟରେ ବୁଧବାର ଏକ ଘରୋଇ ସ୍କୁଲ୍ ଭ୍ୟାନ ପୋଖରୀକୁ ଓଲଟି ପଡିଥିଲା। ଘଟଣାର ୨ଦିନ ବିତିଲାଣି। ଛାତ୍ରୀ ସରିତା ଗୌଡ ଏବେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପରିବାର ଲୋକେ କହିଛନ୍ତି। ଏନେଇ କେ.ନୂଆଗାଁ ଥାନାରେ ନଂ.୨୧୬/୧୯ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁଥିବା ଥାନା ଅଧିକାରୀ ମାଧବନନ୍ଦ ନାୟକ କହିଛନ୍ତି । ମାତ୍ର ଘରୋଇ ସ୍କୁଲକୁ ଛାତ୍ରୀଛାତ୍ରମାନଙ୍କୁ ନେବାଆଣିବା ପାଇଁ ୨୦୧୬ ଠାରୁ ଭ୍ୟାନ ଲଗାଇବା ପାଇଁ ଅନୁମତି ନ ଥିଲେ ମଧ୍ୟ ଦୀର୍ଘ ୨ବର୍ଷ ଧରି କେମିତି ବେଆଇନ୍ ଭାବେ କିପରି ଉକ୍ତ ଗାଡି ଚାଲୁଥିଲା, ଆଞ୍ଚଳିକ ପରିବହନ ବିଭାଗ କ'ଣ କରୁଥିଲା ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଆର୍‌ଟିଓ ସଞ୍ଜୟ ବିଶ୍ୱାଳଙ୍କ ସହ ଯୋଗାଯୋଗ କରିବାରୁ ବର୍ତ୍ତମାନ ସୁଦ୍ଧା କୌଣସି ରିପୋର୍ଟ ପହଞ୍ଚିନାହିଁ। ପୋଲିସ୍ ତଦନ୍ତକରି ଏମ୍‌ଭିଆଇ ଜରିଆରେ ରିପୋର୍ଟ ଆସିଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଧାନରେ ଜଉପୋକ, ଚିନ୍ତାରେ ଚାଷୀ

ହାତୀଓଟ,୩୧।୧୦



କ୍ଷତିଗ୍ରସ୍ତ ଫସଲ।

ବୁଗୁଡା ବ୍ଲକ ଅରଖପୁର ଗ୍ରାମପଞ୍ଚାୟତର ଏକର ଏକର ଜମିରେ ଜଉପୋକ ଆରମ୍ଭ ହେବାରେ ଲାଗିଲାଣି। ଏଥିପାଇଁ ଚାଷୀମାନଙ୍କ ମୁଣ୍ଡରେ ଏକ ପ୍ରକାର ଚଡକ ପଡ଼ିଛି। ଅଦିନିଆ ଅଧିକ ବର୍ଷା ପ୍ରଭାବରେ ଅମଳଯୋଗ୍ୟ ଧାନ କେଣ୍ଡାରେ ପ୍ରବଳମାତ୍ରାରେ ଜଉପୋକ ଲାଗିଛି। ଉକ୍ତ ଗ୍ରାମ ନିକଟ ଖାରିମୁଣ୍ଡ ପାହାର, ନାଇକାଣି ପାହାର, ପରିଝୋଳା ପାହାର, ପଲ୍ଲୀପାହାରରେ ଥିବା ଏକର ଏକର ଜାଗାରେ ଜଉପୋକ ଲାଗିଥିବା ପ୍ରକାଶ ମଲ୍ଲିକ, ଲିଙ୍ଗରାଜ ଜେନା, ଜିତେନ୍ଦ୍ର ମଲ୍ଲିକ, ବିଜୟ ମଲ୍ଲିକ କହିବା ସହ କୃଷି ଅଧିକାରୀ ବର୍ତ୍ତମାନ ସୁଦ୍ଧା ଏଠାକୁ ଆସି ନ ଥିବା ଅଭିଯୋଗ କରିଛନ୍ତି। ଜଉପୋକ ଯୋଗୁ ଧାନଗଛ ଗୁଡିକ ମାଟିଆ ରଙ୍ଗରେ ପରିଣତ ହେବା ସହ ଗଛ ଗୁଡିକ ଝାଉଁଳି ଭୂମିରେ ଶୋଇପଡ଼ିଛି। ଏହା ଦେଖି ଅର୍ଥ କିଭଳି ପରିଶୋଧ କରିବେ ସେ ନେଇ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଜଉପୋକ ବିଷୟରେ କୃଷି ଅଧିକାରୀ ଅଜୟ ସାହୁ କୁହନ୍ତି, ବ୍ଲକ ପକ୍ଷରୁ ଚାଷୀମାନଙ୍କୁ ବିଭିନ୍ନ ରୋଗପୋକର ନିରାକରଣ କରିବା ପାଇଁ ଆମେ କୃଷି ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ସଚେତନତା କରି ବିଭିନ୍ନ କୀଟନାଶକ ଔଷଧ ସରକାରୀ ଦରରେ ବଣ୍ଟନ କରିଥିଲୁ। ତଥାପି ଉକ୍ତ ଗ୍ରାମରେ ଜଉପୋକ ଲାଗିଛି, ତେବେ ଆମେ ଶୀଘ୍ର ଉକ୍ତ ଚାଷୀମାନଙ୍କ ପାଖରେ ପହଞ୍ଚିବୁ।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ